

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୬ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 October 2024
Vol.No. 35 ■ No.268 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ସରିଲା ଭୋଟ ଗ୍ରହଣ: ଆସିଲା ଏକଜିଟ ପୋଲ

# ହରିୟାଣାରେ ବିଜେପିକୁ ଝଟ୍‌କା, ଜମ୍ମୁ-କଶ୍ମୀରରେ ଝୁଲା ସରକାର

ନୂଆଦିଲ୍ଲୀ, ୫/୧୦ : ହରିୟାଣା ବିଧାନସଭାର ୯୦ଟି ଆସନ ପାଇଁ ଭୋଟ ଶେଷ ହେବା ପରେ ସମସ୍ତଙ୍କ ଅପେକ୍ଷା ଅକ୍ଟୋବର ୮କୁ। କାରଣ ସେହିଦିନ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। କିନ୍ତୁ ଏହାପୂର୍ବରୁ ଆସିଛି ଏକଜିଟ ପୋଲ ରେଜଲ୍ଟ। ୨୦୧୪ ଓ ୨୦୧୯ରେ ହରିୟାଣାରେ କ୍ଷମତା ଦଖଲ କରିଥିବା ବିଜେପିକୁ ଏକଜିଟ ପୋଲ ଫଳାଫଳ ଝଟକା ଦେଇଛି। ହ୍ୟାଟ୍ରିକ ବିଜୟ ପାଇଁ ଲକ୍ଷ୍ୟ ରଖିଥିବା ବିଜେପିକୁ ହରିୟାଣାରେ ପରାଜୟର ସାମ୍ନା କରିବାକୁ ପଡ଼ିପାରେ। ସେହିପରି ୧୦ ବର୍ଷ ପରେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଫେରିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ ପୋଲରେ ଦାବି କରାଯାଇଛି। କଂଗ୍ରେସ ରେକର୍ଡ ୫୦ରୁ ଅଧିକ ଆସନ ଜିତି ରାଜ୍ୟରେ ସରକାର ଗଠନ କରିବାକୁ ଯାଉଥିବା ଏକଜିଟ ପୋଲରୁ ସ୍ପଷ୍ଟ ହୋଇଛି। ହରିୟାଣାର ବିଧାନସଭା ଆସନ ସଂଖ୍ୟା ହେଉଛି ୯୦। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୪୬। ୨୦୨୪ ଲୋକସଭା ଭୋଟ ପରେ ପ୍ରଥମଥର ପାଇଁ ହରିୟାଣା ଓ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି। ରିପ୍ଲବିକ ଭାରତ-ମାଟ୍ରିଜ କରିଥିବା ଏକଜିଟ ପୋଲ ତଥ୍ୟ ଅନୁଯାୟୀ, ହରିୟାଣାର ୯୦ଟି ଆସନ ମଧ୍ୟରୁ କଂଗ୍ରେସ ଏକାକୀ ୫୫ରୁ ୬୨ଟି ଆସନ ଜିତିବ। ବିଜେପି ୧୮ରୁ ୨୪ଟି, ଆଇଏନଏଲଡି ୦୩ରୁ ୦୬, ଜେଜେପି ଶୂନରୁ ୩ ଓ ଅନ୍ୟାନ୍ୟ ଦଳ ୨ରୁ ୫ଟି ଆସନ ଜିତି ପାରନ୍ତି। ପିପୁଲ୍ସ ପ୍ଲସ କହିଛି ଯେ କଂଗ୍ରେସ ୪୯ରୁ ୬୧,



ବିଜେପି ୨୦ରୁ ୩୨, ଜେଜେପି ଶୂନରୁ ୧, ଆପ୍ ଶୂନ ଓ ଅନ୍ୟାନ୍ୟ ଦଳ ୩ରୁ ୫ଟି ଆସନ ଜିତବ। ଧ୍ରୁବ ରିସର୍ଚ୍ଚ କହିଛି କଂଗ୍ରେସ ୫୦ରୁ ୬୪, ବିଜେପି ୨୨ରୁ ୩୨ ଓ ଅନ୍ୟାନ୍ୟ ଦଳ ୨ରୁ ୮ଟି ଆସନ ଜିତି ପାରନ୍ତି। ସେହିପରି ଆପ ଓ ଜେଜେପି ଖାତା ଖୋଲିପାରିବେ ନାହିଁ। ଦୈନିକ ଭାସ୍କର କହିଛି ଯେ କଂଗ୍ରେସ ୪୪ରୁ ୫୪, ବିଜେପି ୧୫ରୁ ୨୯, ଆଇଏନଏଲଡି ୧ରୁ ୫, ଆପ୍ ୧, ଜେଜେପି ୧ ଓ ଅନ୍ୟାନ୍ୟ ଦଳ ୪ରୁ ୯ଟି ଆସନ ଜିତିପାରନ୍ତି। ରିପବ୍ଲିକ ଟିଭି-ପିଏମଆରକ୍ୟୁ କହିଛି ଯେ କଂଗ୍ରେସ ୫୧ରୁ ୬୧, ବିଜେପି ୨୭ରୁ ୩୫, ଜେଜେପି ଶୂନ, ଆଇଏନଏଲଡି ୩ରୁ ୬ ଓ ଆପ୍ ଖାତା ଖୋଲିପାରିବ ନାହିଁ। ଜିଷ୍ଟ-ଟିଫ ରିସର୍ଚ୍ଚ ତା'ର ଏକଜିଟ ପୋଲରେ ଆକଳନ କରିଛି ଯେ କଂଗ୍ରେସ ୪୫ରୁ ୫୩, ବିଜେପି ୨୯ରୁ ୩୭, ଆଇଏନଏଲଡି ୦-୨ ଓ ଅନ୍ୟାନ୍ୟ ଦଳ ୪ରୁ ୬ଟି ଆସନ ଜିତିବେ। ଇଣ୍ଡିଆ ଟୁଡେ-ସି ଭୋଟର କହିଛି ଯେ କଂଗ୍ରେସ ୫୦ରୁ ୫୮, ବିଜେପି ୨୦ରୁ ୨୮, ଜେଜେପି ୦-୨ ଓ ଅନ୍ୟାନ୍ୟ ଦଳ ୧୦ରୁ ୧୪ଟି ଆସନ ଜିତି ପାରନ୍ତି। ଦୀର୍ଘ ୧୦ ବର୍ଷ ପରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଆସନ୍ତା ୮ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଏହାପୂର୍ବରୁ ଆଜି ବିଭିନ୍ନ ସଂସ୍ଥା କରିଥିବା ଏକଜିଟ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ଜମ୍ମୁ-କଶ୍ମୀରର ୯୦ଟି ଆସନ ପାଇଁ ଭୋଟ ହୋଇଥିଲା। ଅଧିକାଂଶ ସଂସ୍ଥାର ଏକଜିଟ ପୋଲ କହୁଛି ଯେ ଜମ୍ମୁ-କଶ୍ମୀରରେ ▶▶ପୃଷ୍ଠା ୭

## ଓଏସଏସଏସସି ପରୀକ୍ଷାରେ ବିଭ୍ରାଟ ଅଭିଯୋଗ:
# ପରୀକ୍ଷା ବାତିଲ ଦାବିରେ ଛାତ୍ର ସଂଗଠନର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୫/୧୦ (ନି.ପ୍ର): ଆରଆଇ, ଏଆରଆଇ, ଅମିନ, ଆଇସିଡିଏସ ସୁପରଭାଇଜର, ଏସଏଫଏସ ପରୀକ୍ଷା ବାତିଲ,ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଏବଂ ଓ' ଟ୍ରିପିଲ୍ ଏସସି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ। ଏହି ତିନି ପ୍ରମୁଖ ଦାବି ସରକାର ନମାନିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛି ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ ସଂଗଠନ। କଟକ-ଭୁବନେଶ୍ୱର ପରେ ସାରା ରାଜ୍ୟକୁ ବ୍ୟାପିଲା ଓ ଟ୍ରିପିଲ୍ ଏସସି ଦ୍ୱାରା ପରିଚାଳିତ ପରୀକ୍ଷାକୁ ନେଇ ବିବାଦ। ଏହି ପରୀକ୍ଷା ବାତିଲ ନହେଲେ, ଆସନ୍ତା ୭ରେ ରାଜଧାନୀରେ ବଡ଼ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ। ସେପଟେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଅଭିଯୋଗ ସଂପର୍କରେ ଅନୁଧ୍ୟାନ କରାଯିବା ପରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ଆରଆଇ, ଏଆରଆଇ, ଅମିନ, ଆଇସିଡିଏସ ସୁପରଭାଇଜର, ଏସଏଫଏସ ପରୀକ୍ଷା ବାତିଲ,ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଏବଂ ଓ' ଟ୍ରିପିଲ୍ ଏସସି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ। ଏହି ତିନି ପ୍ରମୁଖ ଦାବି ସରକାର ନମାନିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛି ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ ସଂଗଠନ। ଓ ଟ୍ରିପଲ୍ ଏସସି କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବକୁ ଦାୟୀ କରି ଦୁଇ ଦିନ ତଳେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଉ କରିଥିଲା ସଂଗଠନ। ଗତକାଲି ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏ ନିଆଁ ବ୍ୟାପିବା ସହ ଆଜି ବଲାଙ୍ଗିର ଜିଲ୍ଲାରେ ବି ରାଜରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ଚାକିରି ଆଶାୟୀ। ▶▶ପୃଷ୍ଠା ୭

# ଶିକ୍ଷକମାନେ ହେଉଛନ୍ତି ମଣିଷ ଗଢ଼ା ଶିଳ୍ପୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ରାଜ୍ୟ ସରକାର ଆଜି ୧୬,୦୦୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ନିଯୁକ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ହସ୍ତାନ୍ତର କରିବା ସହିତ ମାର୍ଗଦର୍ଶନ କରିଛନ୍ତି। ନବନିଯୁକ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଭାରତୀୟ ସାଂସ୍କୃତିକ ପରଂପରାରେ ଗୁରୁଙ୍କୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥାଏ। ସନାତନ ପରଂପରା ଅନୁସାରେ ବିଦ୍ୟାର୍ଥୀମାନେ ଗୁରୁଙ୍କ ଆଶ୍ରମରେ ଶିକ୍ଷା ଗ୍ରହଣ କରୁଥିଲେ। ତେଣୁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଥାଏ। ଆଜିର ଶିକ୍ଷା ବ୍ୟବସ୍ଥା ଆଧୁନିକତାର ବଶବର୍ତ୍ତୀ




ହୋଇଛି। ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ଶିଶୁମାନଙ୍କୁ ଏକ ଭଲ ମଣିଷ ଭାବେ ଗଣିବା ଶିକ୍ଷକମାନେ ଦାୟିତ୍ୱ ନେଇଥାନ୍ତି। ଆପଣମାନେ ହେଉଛନ୍ତି ମଣିଷ ଗଢ଼ା ଶିଳ୍ପୀ। ମଣିଷ ଭିତରେ ଦୟା, କ୍ଷମା, ସହନଶୀଳତା ଗୁଣ ରହିଛି। ଶିକ୍ଷକ ହେଉଛି ସବୁଠାରୁ ସମ୍ମାନସ୍ପଦ ବୃତ୍ତି। ବାପା-ମା ପିଲାମାନଙ୍କୁ ଜନ୍ମ ଦେଇଥାନ୍ତି। କିନ୍ତୁ ଶିକ୍ଷକମାନେ ପିଲାମାନଙ୍କୁ ଶିକ୍ଷା ଓ ସଂସ୍କାର ଦେଇ ପୂର୍ଣ୍ଣ ମଣିଷ କରିଥାନ୍ତି। କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ବିଷୟ ମନେ କରିଛନ୍ତି। ଏଥି ପାଇଁ ଗତବର୍ଷର ବଜେଟ୍ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ଭଲ ବଜେଟ୍ ଉପସ୍ଥାପନ କରିଛନ୍ତି। ▶▶ପୃଷ୍ଠା ୭

# ଦଶହରା ଭେଟି ଦେଲେ ପ୍ରଧାନମନ୍ତ୍ରୀ

## ଚାଷୀଙ୍କ ଖାତାକୁ ଆସିଲା ପିଏମ କିଷାନ ଟଙ୍କା

ନୂଆଦିଲ୍ଲୀ, ୫/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପିଏମ୍-କିଷାନ ଯୋଜନାର ୧୮ତମ କିସ୍ତି ବାବଦରେ ୨୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ଦେଶର ୯.୪ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨,୦୦୦ ଟଙ୍କା ଲେଖାଏ ମିଳିଛି । ମହାରାଷ୍ଟ୍ରର ୱାଶିମ୍‌ଠାରେ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥ ରାଶି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଜରିଆରେ ପଠାଯାଇଛି । ପିଏମ୍-କିଷାନ ଯୋଜନା୨୦୧୯ ଫେବୃଆରୀ ୨୪ରେ ଆରମ୍ଭ ହୋଇଥିଲା। ଉକ୍ତ ଯୋଜନାରେ ହିତାଧିକାରୀ ଚାଷୀମାନଙ୍କୁ ବାର୍ଷିକ ୬,୦୦୦ ଟଙ୍କା ୩ଟି ସମାନ କିସ୍ତିରେ ପ୍ରଦାନ କରାଯାଇଥାଏ । ଯଦି କିସ୍ତି ଟଙ୍କା ଆକାଉଣ୍ଟରେ ଜମା ହୋଇଛି କି ନାହିଁ ଜାଣିବାକୁ ଚାହୁଁଛନ୍ତି ତେବେ pmkisan.gov.in କୁ ଯାଇ ଆପଣଙ୍କର ସ୍ଥିତି ଯାଞ୍ଚ କରିପାରିବେ। ୱେବସାଇଟରେ ଥିବା 'Know Your Status' ଟ୍ୟାବ ଉପରେ କ୍ଲିକ କରି ପଞ୍ଜୀକରଣ ନମ୍ବର ଏବଂ କ୍ୟାପଚା କୋଡ ପ୍ରବେଶ କରି ସୂଚନା ପାଇପାରିବ।



# ୧୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଅମିନ

ଝାରସୁଗୁଡ଼ା , ୦୫/୧୦ (ନି.ପ୍ର): ୧୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା କିରମିରା ତହସିଲଦାରଙ୍କ ଅଫିସର ଅମିନ ଭାସ୍କର ମେହେର। ଜମି ପଟ୍ଟା ସଂପର୍କିତ କାମ ପାଇଁ ସେ ଜଣେ ବ୍ୟକ୍ତିଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେହି ବ୍ୟକ୍ତି ଏନେଇ ଭିଜିଲାନ୍ସକୁ ଜଣାଇଥିଲେ। ଆଜି ସେ ଲାଞ୍ଚ ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ଅମିନ ଭାସ୍କର ମେହେରଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ତେଜିଲା ରାଜଭବନ ଟାର୍ଗେଟ୍ ପଲିଟିକ୍ସ

ଭୁବନେଶ୍ୱର, ୫/୧୦ (ନି.ପ୍ର): ରାଜଭବନରେ ରାଜ୍ୟପାଳ-ହିମନ୍ତ-ମୋହନ ଭେଟଘାଟ ଏବଂ ପୂର୍ବତନ ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ତେଜିଲା ରାଜନୈତିକ ବିବାଦ। ବିଜେଡିର ଅଭିଯୋଗ ପରେ ପ୍ରତିକ୍ରିୟା ପ୍ରକାଶ କରି ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କ କାର୍ଯ୍ୟାଳୟ କହିଛି, ଓଡ଼ିଶା ଗସ୍ତ ବେଳେ ପ୍ରୋଟୋକଲ୍ ଦୃଷ୍ଟିରୁ ରାଜଭବନରେ ରହିଥିଲେ, ଏହାକୁ ଅଯଥା ରାଜନୈତିକ ରଙ୍ଗ ଦିଆ ନଯାଉ। ଯାହା ପରେ ରାଜନୀତି ଆହୁରି ତେଜିଛି। ତେଣେ ବିଜେପି କହିଛି, ରାଜନୀତିରେ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାରେ ବିଜେଡି ସିଦ୍ଧହସ୍ତ। ରାଜଭବନକୁ ନେଇ ଘନେଇଲା ରାଜନୀତି। ରାଜ୍ୟପାଳ ରଘୁବର ଦାସ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭେଟଘାଟକୁ ନେଇ ▶▶ପୃଷ୍ଠା ୭

# ଏଥର ରାବଣ ପୋଡ଼ିରେ କଟକରେ ହେବନି ବାଣ ପ୍ରତିଯୋଗିତା



କଟକ, ୦୫/୧୦ (ନି.ପ୍ର): କଟକରେ ଏଥର ରାବଣ ପୋଡ଼ିରେ ହେବ ନାହିଁ ବାଣ ପ୍ରତିଯୋଗିତା। ସୁରୁଖୁରୁରେ ରାବଣ ପୋଡ଼ି ଉପରେ ଗୁରୁତ୍ୱାରୋପ କରିଛନ୍ତି ହାଇକୋର୍ଟ । କେବଳ ପରିବେଶକୁ ସୁହାଇଲା ଭଳି ରଙ୍ଗୀନ ବାଣ ବ୍ୟବହାର ପାଇଁ ଆଡଭୋକେଟ୍ କମିଟି ପ୍ରସ୍ତାବ ଦେଇଛି। ରାବଣ ପୋଡ଼ି ପାଇଁ କଟକ ବାଲିଯାତ୍ରା ତଳ ପଡ଼ିଆରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ। ୧୦ ତାରିଖ ଭିତରେ ଏଥିନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସାରିବାକୁ ସିଏମସି ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ରାବଣ ପୋଡ଼ି ଦେଖିବାକୁ କଟକକୁ ବହୁ ଲୋକଙ୍କ ଆଗମନ ହୋଇଥାଏ। ତେଣୁ ଉକ୍ତ ସମୟରେ ଟ୍ରାଫିକର ସୁପରିଚାଳନା ପାଇଁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବଧର୍ମ ସାଧାରଣ ପରିଷଦ ପକ୍ଷରୁ ଆଗତ ଇଣ୍ଟର ଭେନିଂ ପିଟିସନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

# ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଭେଟି ସ୍ଥିତି ସମୀକ୍ଷା କରିବେ ଶାହା

ନୂଆଦିଲ୍ଲୀ, ୫/୧୦ : କେମିତି ମାଓ ମୁକାବିଲାକୁ ଜୋରଦାର କରିହେବ? ମାଓ ହିଂସାକୁ ବନ୍ଦ କରିବା ପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ କେଉଁ ସବୁ ରଣନୀତି କରିବାର ଆବଶ୍ୟକତା ରହିଛି ସେନେଇ ହେବ ଗୁରୁତ୍ୱପୂର୍ଣ୍ଣ ବୈଠକ । ଆସନ୍ତା ୭ ତାରିଖରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିବେ। ବୈଠକରେ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ। ଏହି ବୈଠକରେ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶ ସହାୟତା ଯୋଗାଇଦେବା



ସହ ଜଡ଼ିତ ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ ଯୋଗଦେବେ। ଜାତୀୟ ସୁରକ୍ଷାର ଉପ ପରାମର୍ଶଦାତା ଏବଂ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ବରିଷ୍ଠ ଅଧିକାରୀମାନେ ମଧ ଆଲୋଚନାରେ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲୁଇ)ର ବିପଦକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାର ନକ୍ସଲବାଦର ମୁକାବିଲା ପାଇଁ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟ ସରକାରଙ୍କୁ ସମସ୍ତ ସମ୍ଭବ ସହାୟତା ଯୋଗାଇ ଦେଉଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶେଷ ଥର ପାଇଁ ୦୬ ଅକ୍ଟୋବର, ୨୦୨୩ରେ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏଲଡବ୍ଲୁଇ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ । ସେହି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଏଲଡବ୍ଲୁଇ ଉଚ୍ଛେଦ ସଂକ୍ରାନ୍ତରେ ବ୍ୟାପକ ନିର୍ଦ୍ଦେଶ ଦେଇଥିଲେ। ମୋଦୀ ସରକାରଙ୍କ ରଣନୀତି ଯୋଗୁଁ ଏଲଡବ୍ଲୁଇ ହିଂସା ୭୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୧୦ ତୁଳନାରେ ୨୦୨୩ରେ ମୃତ୍ୟୁ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି ଏବଂ ଏଲଡବ୍ଲୁଇ ଆଜି ନିଜର ଶେଷ ଲଢ଼େଇ ଲଢୁଛି । ସଶସ୍ତ୍ର ଏଲଡବ୍ଲୁଇ କ୍ୟାଡରଙ୍କୁ ନିପାତ କରିବାରେ ୨୦୨୪ ମସିହାରେ ସୁରକ୍ଷା ବାହିନୀକୁ ଅଭୂତପୂର୍ବ ସଫଳତା ମିଳିଛି । ଚଳିତ ବର୍ଷ ଏପର୍ଯ୍ୟନ୍ତ ୨୦୨ ଜଣ ଏଲଡବ୍ଲୁଇ କ୍ୟାଡରଙ୍କୁ ନିପାତ କରାଯାଇଛି, ୨୦୨୪ର ପ୍ରଥମ ୯ ▶▶ପୃଷ୍ଠା ୭

# ବିଜେପି ମିଛ କହୁଥିବା ନେଇ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟର ଜବାବ ଦେଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ବିଜେପି ମିଛ କହୁଥିବା ନେଇ କିଛି ଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟିପ୍ପଣୀ କରିଥିଲେ। ଆଜି ଏହାଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ରାଜନୀତିରେ ଜୟ ପରାଜୟ ଲାଗି ରହେ। ଜୟରେ ବହୁତ ଉନ୍ମାଦିତ ଏବଂ ପରାଜୟରେ ହତୋତ୍ସାହିତ ହେବାର ଆବଶ୍ୟକତା ନାହିଁ। ପୂର୍ବରୁ ବିଜେପି ବହୁତ ଥର ହାରିଛି, ଦେଶରେ ୨ଟି ଲୋକସଭା ଆସନ ଥିଲା, ଓଡ଼ିଶାରେ କିଛି ଲୋକ ବିଜେପିକୁ ସାଇନ୍ ବୋର୍ଡ ପାର୍ଟି କହୁଥିଲେ। କିନ୍ତୁ ଏବେ ଓଡ଼ିଆ ଲୋକଙ୍କ ଆଶୀର୍ବାଦରେ ସେବା କରିବାର ସୁଯୋଗ ମିଳିଛି। ଲୋକମାନେ ଯାହାକୁ ଯେଉଁ ଭୂମିକା ଦେଇଛନ୍ତି, ଯାହାକୁ ସେବା କରିବାର ଭୂମିକା ଦେଇଛନ୍ତି, ସେ ସେବା କରୁ। ଯାହାକୁ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଦାୟିତ୍ୱ ଦେଇଛନ୍ତି, ସେ ତାକୁ ପାଳନ କରନ୍ତୁ। ବାକି ଲୋକ ବିଚାର କରିବେ।

# ନିପୁଣ ଓଡ଼ିଶା ମିଶନ ୨୦୨୪ର ଜିଲ୍ଲାସ୍ତରୀୟ ଶୁଭ ଉନ୍ମୋଚନ



ବାଲେଶ୍ୱର, ୦୫/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସମଗ୍ର ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଆଜି ନିପୁଣ ଓଡ଼ିଶା ମିଶନ ୨୦୨୪ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭ ଉନ୍ମୋଚନ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀ ଉମାକାନ୍ତ ମହାପାତ୍ର, ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ ଜଳେଶ୍ୱର ଶ୍ରୀ ଅଶ୍ୱିନୀ ପାତ୍ର, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ସୋର ଶ୍ରୀ ମାଧବ ଧଡ଼ା, ମାନ୍ୟବର ବିଧାୟକ ଭୋଗରାଇ ଶ୍ରୀ ଗୌତମବୁଦ୍ଧ ଦାସ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ଓ ଜିଲ୍ଲାପରିଷଦର ମାନ୍ୟବର ଉପାଧ୍ୟକ୍ଷା ଶ୍ରୀମତୀ ଅନଶୂୟା ପ୍ରଧାନଙ୍କ ସମେତ ମାନ୍ୟବର ଜିଲ୍ଲା ପରିଷଦର ସମସ୍ତ ଉପସଭାପତି, ସଦସ୍ୟା/ସଦସ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନିପୁଣ ଓଡ଼ିଶା ମିଶନ ୨୦୨୪ର ଲୋଗୋ, ଲିଫଲେଟ ଓ ସଙ୍ଗୀତର ଶୁଭ ଉନ୍ମୋଚନ କରାଯାଇଥିଲା। ପ୍ରାଥମିକ ଶିକ୍ଷାକୁ ଅଗ୍ରାଧିକାର ଦେଇ ବିଦ୍ୟାଳୟମାନଙ୍କରେ ବିଭିନ୍ନ ସୃଜନାତ୍ମକ ଶିକ୍ଷଣ ଶୈଳୀ ଦ୍ୱାରା ଶିକ୍ଷାଦାନ କରିବାକୁ ଅଗ୍ରାଧିକାର ଦିଆଯିବା ସହିତ ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତିକରଣ, ଶିକ୍ଷକ ନିଯୁକ୍ତି ତଥା ନୂତନ କୌଶଳ ରେ ଶିକ୍ଷାଦାନ ଆଦିକୁ ଗୁରୁତ୍ୱ ଦିଆଯିବ ବୋଲି ମତପ୍ରକାଶ ହୋଇଥିଲା। ଏଠାରେ ପ୍ରକାଶ ଥାଉ କି, ରାଜ୍ୟ ସରକାର ଉକ୍ତ କାର୍ଯ୍ୟକ୍ରମକୁ ସେପ୍ଟେମ୍ବର ୫, ୨୦୨୪ ପବିତ୍ର ଗୁରୁଦିବସ ଦିନ ରାଜ୍ୟସ୍ତରରେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କର ମୌଳିକ ସାକ୍ଷରତା, ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ପରିପ୍ରକାଶ ପାଇବ। ସେମାନେ ଯୋଗ, ବିୟୋଗ, ଗୁଣନ ଓ ହରଣ ଠିକ ଭାବେ କରିପାରିବେ। ପ୍ରାଥମିକ ସ୍ତରରେ ଛାତ୍ର ଛାତ୍ରୀମାନଙ୍କ ମୂଳଦୁଆ ସୁଦୃଢ଼ ହେଲେ ସେମାନଙ୍କ ମଧ୍ୟରେ ସାକ୍ଷରତା, ଭାଷା ଓ ଗଣିତ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତା ଗୁଡ଼ିକ ସୁନିଶ୍ଚିତ ହେବା ସହିତ ସେମାନଙ୍କର ଚିନ୍ତନ, ସମସ୍ୟା ସମାଧାନ ନିର୍ଣ୍ଣୟ କରିବାର କୌଶଳ ଓ ଦକ୍ଷତା ବୃଦ୍ଧି ପାଇବାରେ ସହାୟକ ହୋଇପାରିବ ଓ ଏହି କାର୍ଯ୍ୟକ୍ରମ ବ୍ଲକ, ସ୍କୁଲ ଓ କ୍ଲଷ୍ଟରସ୍ତରରେ ମଧ୍ୟ ଉନ୍ମୋଚନ କରାଯିବ ।

# ଡ୍ୟାମ୍ ସାଇଟ ଓ ମନ୍ଦିରରେ ଟିପିଡବ୍ଲ୍ୟୁଓଡିଏଲ୍‌ର ଶ୍ରମଦାନ

ସମ୍ବଲପୁର, ୦୫/୧୦ (ନି.ପ୍ର): ସ୍ୱଚ୍ଛତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲର ସମାଜ ପ୍ରତି ପ୍ରତିବଦ୍ଧତାର ଏକ ଅଂଶ ଭାବରେ, କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ 'ସ୍ୱଚ୍ଛ ଭାରତ ଦିବସ' ଅବସରରେ ବୁର୍ଲା ସ୍ଥିତ ହୀରାକୁଦ ଡ୍ୟାମ ପରିସର ଏବଂ ମାଆ ଝାଙ୍କରାଣୀ ମନ୍ଦିର ପରିସରରେ ଏକ ସଫେଇ ଅଭିଯାନ କରାଯାଇଥିଲା । ଏଥିରେ ରେଞ୍ଜର ରାଜେଶ କୁମାର ମହାକୁଡ଼, ସମ୍ବଲପୁର ମହାନଗର ନିଗମ ଅତିରିକ୍ତ କମିଶନର ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି ପଦକ୍ଷେପ ଟିପିଡବ୍ଲ୍ୟୁଓଡିଏଲର ସ୍ୱଚ୍ଛ ଓ ସବୁଜ ସମାଜ ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ବୁର୍ଲାର ହୀରାକୁଡ ଡ୍ୟାମ୍ ସାଇଟରେ ଟିପିଡବ୍ଲୁଓଡିଏଲର ଅଧିକାରୀ ଏବଂ କର୍ମଚାରୀ, ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ଏବଂ କିଛି ସ୍ଥାନୀୟ ବାସିନ୍ଦା ମିଳିମିଶି ହୀରାକୁଡ ଡ୍ୟାମ୍ ପରିସର ଏବଂ ମାଆ ଝାଙ୍କରାଣୀ ମନ୍ଦିର ପରିସରର ସଫେଇ କରିଥିଲେ । କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନେ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏକ ସ୍ୱଚ୍ଛ ପରିବେଶ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସମେତ ବିଭିନ୍ନ କାର୍ଯ୍ୟକଳାପରେ ନିୟୋଜିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ ଯାଇଥିଲା । ଏହି ଅବସରରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ଆମେ ବିଶ୍ୱାସ କରୁ, ଆମ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଏକ ସ୍ୱଚ୍ଛ ପରିବେଶ ଗୁରୁତ୍ୱପୂର୍ଣ୍ଣ । ଏହି ସଫେଇ ଅଭିଯାନ ମାଧ୍ୟମରେ, ଆମେ ସାମୂହିକ କାର୍ଯ୍ୟକୁ ଅନୁପ୍ରାଣିତ କରିବା ଏବଂ ଆମ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୫/୧୦ (ନି.ପ୍ର): ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟଂଦେଓ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀ, ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖେତ୍ରି , ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ ଉପସ୍ଥିତ ଥିଲେ । ତାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ନିୟମାବଳୀ ସମ୍ପର୍କରେ ଆଲୋଚନା ହେଇଥିଲା । ଏହି ସମୟ ମଧ୍ୟରେ ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ଭସାଣୀ ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଓ ଲେଜର ଲାଇଟ ଉପରେ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ଆରମ୍ଭ ଓ ଶେଷ କରିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ମରାମତି, ମାଦକ ଦ୍ରବ୍ୟ ନିଷେଧ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ସମସ୍ତ ପୂଜା ମଣ୍ଡପ କୁ ଜରୁରୀକାଳୀନ ପ୍ରାଥମିକ ମେଡିକାଲ କିଟ ରଖିବାକୁ ଅନୁରୋଧ କରା ଯାଇଥିଲା । ଖାଦ୍ୟ ର ମାନ ଯାଂଚ ଏବଂ ସଫା ସୁତୁରା କୁ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ କୁହା ଯାଇଥିଲା । ସମସ୍ତ ପ୍ରମାଣୀକରଣ କରେଇନେବାକୁ ଅନୁରୋଧ କରା ଯାଇଥିଲା । ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ ବ୍ୟବହାର ଏବଂ ପଲିଥିନ ବଦଳରେ ପରିବେଶ କୁ ସୁହାଉଥିବା ଦ୍ରବ୍ୟ ବ୍ୟବହାର କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରା ଯାଇଥିଲା । ବ୍ୟବହୃତ ମାଇକ ସିଷ୍ଟମରେ ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦେକ୍ଷପ ନିଆଯିବ। ମେଢ଼ ଗୁଡ଼ିକରେ ସି.ସି.ଟି.ଭି ଲଗାଇବା ପାଇଁ ପୂଜା କମିଟି ସଦସ୍ୟମାନଙ୍କୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ଓ ଆସନ୍ତା ଦୁର୍ଗାପୂଜାକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପ୍ରଶାସନ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଜନ୍ମ ଦିନରେ ବୃକ୍ଷରୋପଣ କରି ଆନନ୍ଦ ସାଉଁଟିଲେ ପ୍ରୀତି କ୍ରୀଷ୍ଟା

ଘଟଗାଁ, ୦୫/୧୦ (ନି.ପ୍ର): ଜନ୍ମ ଦିନରେ ବୃକ୍ଷରୋପଣ କରି ଆନନ୍ଦ ସାଉଁଟିଛନ୍ତି ପ୍ରୀତି କ୍ରୀଷ୍ଟା। ଶୁକ୍ରବାର ଦିନ ପବିତ୍ର ପୁରାତନ ଝାଡ଼େଶ୍ୱର ଶୈବପୀଠ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ରତିକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ତହସିଲଦାର ନିଳକଣ୍ଠ ବେହେରା ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକୁ ଉଦଘାଟନ କରିଥିଲେ । ପୂଜକ ସୁଦାମ ଚରଣ ପଣ୍ଡା ବୃକ୍ଷ ପୂଜନ କରିବା ପରେ ପ୍ରୀତି କିଷ୍ଟା ଖୋଳାଯାଇଥିବା ଗାତରେ ବଟବୃକ୍ଷ ରୋପଣ କରିଥିଲେ । ଦିନକୁ ଦିନ ଗଛକଟା ଯୋଗୁ ପରିବେଶ ନଷ୍ଟ ଦେଉଛି, ପରିବେଶ ନଷ୍ଟ ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅସହ୍ୟ ଗରମ ଅନୁଭୂତ ହେଉଛି । ଏଣୁ ପରିବେଶ ସନ୍ତୁଳନ ପାଇଁ କେବଳ ମାତ୍ର ବୃକ୍ଷରୋପଣ ହିଁ ଶେଷ ଅସ୍ତ୍ର ଏଣୁ ହେ ଗୁରୁଜନ, ଲଘୁଜନ ଓ ମୋର ସମ ବୟସ୍କ ବନ୍ଧୁମାନେ ସମସ୍ତଙ୍କୁ ନିବେଦନ କରୁଛି କି ନିଜ ନିଜର ଜନ୍ମଦିନ, ବିବାହ ବାର୍ଷିକ, ବିଭିନ୍ନ ପ୍ରତିଷ୍ଠା ଦିବସ ଆଦି ସ୍ମରଣୀୟ ଦିନ ମାନଙ୍କରେ ଆମେ ମାନେ ବୃକ୍ଷ ରୋପଣ କରି ଅନ୍ୟ ମାନଙ୍କ ପାଇଁ ଉଦାହାରଣ ସାଜିବା ବୋଲି ପ୍ରୀତିକ୍ରିଷ୍ଟା ଆହ୍ୱାନ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ନିରଞ୍ଜନ ସାହୁ, ଆରତୀ ମହାକୁଡ଼, ପ୍ରୀତି ପ୍ରଜ୍ଞା ସାହୁ, ଦେବରାଜ ସାହୁ, ସୁଦାମ ଚରଣ ପଣ୍ଡା, ସୁମନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସକାଳ ୭ଟାରୁ ବ୍ୟାଙ୍କ ସମ୍ମୁଖରେ ଗ୍ରାହକଙ୍କ ଭିଡ଼

ଧର୍ମଶାଳା, ୦୫/୧୦ (ନି.ପ୍ର): 'ସୁଭଦ୍ରା' ଯୋଜନାରେ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିବା ନେଇ ଘୋଷଣା କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଅନ୍ୟପକ୍ଷରେ ଏହି ଯୋଜନାରେ ସାମିଲ ହେବା ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଦୁର୍ଗାପୂଜା ନିମନ୍ତେ ବ୍ୟାଙ୍କ ଛୁଟି ରହିବ । ଯାହାକୁ ନେଇ ନିଜ ନିଜର ଚଳନ୍ତି ଖାତାକୁ ଅପଡେଟ୍ କରିବା ପାଇଁ ମହିଳା ଗ୍ରାହକମାନେ ସକାଳ ୭ଟା ଠାରୁ ବ୍ୟାଙ୍କ ଫାଟକ ଆଗରେ ଲମ୍ବା ଲାଇନ ଲଗାଉଛନ୍ତି । ମହିଳାମାନଙ୍କ ଖାତାକୁ ପ୍ରଥମ କିସ୍ତି ନ ଆସିବାରୁ ସେମାନେ ନିଜ ନିଜର ଚଳନ୍ତି ଖାତାର ପୁନଃ ପ୍ରଚଳନ ପାଇଁ ବ୍ୟାଙ୍କକୁ ଧାଇଁ ଆସୁଛନ୍ତି । ବିଶେଷ କରି ବ୍ୟାଙ୍କରେ ଇ-କେୱାଇସି କରିବା ପାଇଁ ଶହ ଶହ ମହିଳା ଗ୍ରାହକ ପିଲାଛୁଆଙ୍କ ସମେତ ଯୁବତୀ ଓ ବୃଦ୍ଧାମାନେ ସକାଳ ୭ଟାରେ ରସୁଲପୁର ବ୍ଲକ ବ୍ରହ୍ମବରଦା ବ୍ୟାଙ୍କଛକ ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡିରେ ଛିଡା ହେଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବ୍ୟାଙ୍କ ସକାଳ ୧୦ଟାରେ ଖୋଲିବା ପରେ ବ୍ୟାଙ୍କ ପକ୍ଷରୁ ଇ-କେୱାଇସି କରିବା ପାଇଁ ଲମ୍ବା ଲାଇନର ଆଗ ଧାଡିରେ ଥିବା ଗ୍ରାହକଙ୍କୁ ୫୦ ଗୋଟି ଟୋକନ ଧରାଇ ଦେଉଛନ୍ତି । ଫଳରେ ଅନ୍ୟ ଗ୍ରାହକ ଟୋକନ ନ ପାଇ ଘଂଟା ଘଂଟା ଧରି ଅପେକ୍ଷା କରି ଘରକୁ ଫେରୁଛନ୍ତି ।

## ତଂଟି କଟା ଅବସ୍ଥାରେ ଝିଅର ମୃତଦେହ ଉଦ୍ଧାର

କେନ୍ଦୁଝର, ୦୫/୧୦ (ନି.ପ୍ର): କେନ୍ଦୁଝର ଟାଉନ ଥାନା ସ୍ଥିତ ପବିତ୍ର ଡିହା ବରାଳ ଲଜ ଗଳିରେ ଭଡା ରହୁଥିବା ରବୀନ୍ଦ୍ର ବେହେରାଙ୍କ ବଡ଼ ଝିଅ ମନୋରମା ବେହେରାଙ୍କ ତଂଟିକଟା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ବାପା ରବୀନ୍ଦ୍ରଙ୍କ କହିବା ଅନୁସାରେ, ସେ ଲାବଣ୍ୟ ଛକ ନିକଟରେ ଛତୁ ବ୍ୟବସାୟ କରନ୍ତି। ଆଜି ସେ ଓ ତାଙ୍କ ସ୍ତ୍ରୀ ଛତୁ ବ୍ୟବସାୟ କରିବା ପାଇଁ ଯାଇଥିବା ବେଳେ ତାଙ୍କ ସାନ ଝିଅ କଲେଜ ଯାଇଥିଲେ। ମନୋରମା ଘରେ ଏକା ଥିଲେ। ଦିନ ୧୧ଟା ସମୟରେ ମନୋରମା ଚାଉଳ ନେଇ ଘରକୁ ଫେରିବା ପରେ ବାପା ଓ ମା କୁ ଫେରିବା ନେଇ ଫୋନ ଯୋଗେ ଜଣାଇଥିଲେ, ହେଲେ ଦ୍ୱୀପହର ସମୟରେ ବାପା ମା ଘରକୁ ଫେରିବା ବେଳେ ଦେଖିଥିଲେ ସେତେବେଳେ ଝିଅ ମନୋରମାର ତଂଟି କଟାଯାଇଥିବା ବେଳେ ସେ ରକ୍ତ ଜୁଡୁବୁଡୁ ହୋଇ ମୁହଁ ମାଡି ତଳକୁ ପଡିଥିବା ଦେଖିବାକୁ ପାଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# ବୁଢ଼ାବଳଙ୍ଗ ନଦୀରେ ଉନ୍ନତ କିସମର ଆଙ୍ଗୁଳିକା ମତ୍ସ୍ୟ ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର, ୦୫/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟ ବିଭାଗ ପକ୍ଷରୁ ଆଜି ସକାଳ ଘ. ୯.୩୦ ମି ସମୟରେ ବୁଢ଼ାବଳଙ୍ଗ ନଦୀରେ ଉନ୍ନତ ମାନର ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ସଦର ବ୍ଲକର ବାଲିଘାଟଠାରେ ପ୍ରାୟ ୧୪ ଲକ୍ଷ ରୋହି, ଭାକୁର, ମିରିକାଳି ମାଛର ଆଙ୍ଗୁଳିକା ଯାଆଁଳ ଛଡାଯାଇଥିଲା ଓ ଉକ୍ତ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ଦେବା ସହିତ ଉପମତ୍ସ୍ୟ ନିର୍ଦ୍ଦେଶକ (ବାଲେଶ୍ୱର) ଶ୍ରୀ ଦୀପ୍ତି କୁମାର ମହାପାତ୍ର ନଦୀରେ ମତ୍ସ୍ୟ ଯାଆଁଳ ଛାଡିବାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ଓ ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ ଦତ୍ତ ନଦୀରେ ମତ୍ସ୍ୟ ଯାଆଁଳ ଛାଡିବା ଦ୍ୱାରା ମତ୍ସ୍ୟଜୀବି ପରିବାର କିପରି ଉପକୃତ ହେବେ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ବାଲେଶ୍ୱର ପୌରପାଳିକା ମାନ୍ୟବର ଅଧକ୍ଷା ଶ୍ରୀମତୀ ସବିତା ସାହୁ, ୨୫ ନ. ଜୋନର ଜିଲ୍ଲା ପରିଷଦ ମାନ୍ୟବର ସଦସ୍ୟ ଶ୍ରୀ ଗୟାଧର ବେହେରା, ସଦର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଗୌରାଙ୍ଗ ଚରଣ ଦାସ ଓ ବୁଆଁଳ ପଞ୍ଚାୟତର ଅଗ୍ରଣୀ ଚାଷୀ ତଥା ପୂର୍ବତନ ସମିତି ସଭ୍ୟ ଶ୍ରୀ ରବିନାରାୟଣ ମହାପାତ୍ର ଯୋଗଦାନ କରିଥିଲେ ଓ ଏଥିସହିତ ବଇଞ୍ଚା ଗ୍ରାମ ପଞ୍ଚାୟତର ଏକାଧିକ ମତ୍ସ୍ୟଜୀବି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ବଇଞ୍ଚା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ରବି ନାରାୟଣ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଅପାତକାଳୀନ ଗ୍ରୁପର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୫/୧୦ (ନି.ପ୍ର): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଅପାତକାଳୀନ ଗ୍ରୁପର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ଦୁଲାଲ ସେନ ଜଗଦେବ, କାରଖାନା ଓ ବାଷ୍ପିତ ବିଭାଗର ଯାଜପୁର ଡିଭିଜନର ଉପନିର୍ଦ୍ଦେଶକ ଶ୍ରୀ ଉମେଶ ଚନ୍ଦ୍ର ସୁତାର, ବାଲେଶ୍ୱର ଜୋନର ସହକାରୀ ନିର୍ଦ୍ଦେଶକ ସୁଶ୍ରୀ ଶୁଭଶ୍ରୀ ଦୀପାଳି ମୁଦୁଲି ଓ ରକ୍ଷଣାବେକ୍ଷଣ ମୁଖ୍ୟ ଶ୍ରୀ ସନ୍ତୋଷ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ବୈଠକରେ ରାସାୟନିକ ଦୁର୍ଘଟଣା ପାଇଁ ଜରୁରୀକାଳୀନ ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ନୂତନ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହି ଭଳି ସମସ୍ତ ବିପଦପୂର୍ଣ୍ଣ କେମିକାଲ ଷ୍ଟୋରେଜ ସୁବିଧା ପାଇଁ ନିୟମିତ ଯାଞ୍ଚ କାର୍ଯ୍ୟସୂଚୀ, ସମ୍ବେଦନଶୀଳ ଅଞ୍ଚଳରେ ସମୟ ସମୟରେ ଜନ ସଚେତନତା ଅଭିଯାନ, ଆବଶ୍ୟକ ସ୍ଥାନରେ ବାୟୁ ଗୁଣବତ୍ତା ଅନୁଧ୍ୟାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ ଅଫସାଇଟ ଜରୁରୀକାଳୀନ ଯୋଜନାର ଆବଶ୍ୟକତା, ତ୍ୱରିତ ଏବଂ ପ୍ରଭାବୀ ପ୍ରକ୍ରିୟା ବ୍ୟବସ୍ଥା ମଧ୍ୟରେ ସୂଚନା ନେଟୱର୍କିଙ୍ଗ ଉପରେ ମଧ୍ୟ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ। ଜିଲ୍ଲାର ବିଭିନ୍ନ କାରଖାନା ଓ ଶିଳ୍ପର ସହଭାଗିତାରେ ମକ ଡ୍ରିଲ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ବୈଠକରେ ବିଭିନ୍ନ କାରଖାନା ଓ ଶିଳ୍ପାୟନର ବରିଷ୍ଠ ଅଧିକାରୀ ତଥା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାର ସାଧାରଣ ବଂଟନ ଓ ଖାଉଟି କଲ୍ୟାଣ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ: ଧାନ କିଣା ବିକାକୁ ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୦୫/୧୦ (ନି.ପ୍ର): ସରକାରଙ୍କ ତରଫରୁ ରାଜ୍ୟରେ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ବହୁବିଧ ପଦକ୍ଷେପ ନିଆଯାଉଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ଆନ୍ତରିକତାର ସହ ବିଭାଗୀୟ ସମନ୍ୱୟ ପୂର୍ବକ କାର୍ଯ୍ୟ କରିବାକୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଆଜି ମନ୍ତ୍ରୀ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଭାଗୀୟ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସେ ବୈଠକରେ କୃଷକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ତରିକତାର ସହ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ଧାନ କିଣା ବିକାରେ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ, ସେଥିପାଇଁ ପ୍ରତ୍ୟେକ ଧାନ ମଣ୍ଡିରେ ସି ସି ଟିଭି କ୍ୟାମେରା ଓ କ୍ୱାଲିଟି ଏନାଲାଇଜର ମେସିନ ଲଗାଯିବା ପାଇଁ ପଦକ୍ଷେପ ନିଆଯିବାକୁ ଗୁରୁତ୍ୱାରୋପ କରିଛନ୍ତି ଯଦ୍ୱାରା ଧାନ କିଣାରେ କଟନି ଛଟନି କୁ ବନ୍ଦ କରାଯାଇପାରିବ ଏବଂ ଚାଷୀ ଉପଯୁକ୍ତ ମୂଲ୍ୟ ପାଇପାରିବ । ପୁନଶ୍ଚ କୌଣସି ମିଲର କିମ୍ବା ଦଲାଲ ଯେପରି ଚାଷୀର ଘରକୁ ଯାଇ ଧାନ କିଣାବିକା କରିନପାରିବ ସେଥିପାଇଁ ବିଶେଷ ସଜାଗ ହେବାକୁ ପରାମର୍ଶ ଦେଇଛନ୍ତି । ଚାଷୀ ଓ ଧାନର ସୁରକ୍ଷା ନିମନ୍ତେ ମଣ୍ଡି ଗୁଡିକରେ ପର୍ଯ୍ୟାପ୍ତ ସୁବ୍ୟବସ୍ଥା ନିମନ୍ତେ ଆବଶ୍ୟକ ପଦକ୍ଷେପ ସହ ଚାଷୀଙ୍କ ଖାତାରେ ଧାର୍ଯ୍ୟ ସମୟ ମଧ୍ୟରେ ଧାନବିକ୍ରି ଅର୍ଥ ରାଶି ଯେପରି ପ୍ରାପ୍ତ ହେବ, ଧାନ ଚୋରା ଚାଲାଣକୁ ରୋକିବା ନିମନ୍ତେ ବ୍ୟବହୃତ ଗାଡ଼ି ଗୁଡିକରେ ଜି ପି ଏସ ଲଗାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୁନଶ୍ଚ ଖାଉଟି ସୁରକ୍ଷା ଯୋଜନାରେ ଜିଲ୍ଲାର ସମସ୍ତ ଯୋଗ୍ୟ ଓ ଉପଯୁକ୍ତ ହିତାଧିକାରୀଙ୍କ ଚୟନ ନିମନ୍ତେ ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ନିଶ୍ଚିତ କରିବା ନିମନ୍ତେ ଅଧିକାରୀମାନେ ଘରକୁ ଘର ଯାଇ ଖାଉଟିଙ୍କ ଇ କେୱାଇସି କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ଅବସରରେ ସାଂସଦ ବଲାଙ୍ଗୀର ଶ୍ରୀମତୀ ସଂଗୀତା କୁମାରୀ ସିଂଦେଓ, ବିଧାୟକ ବୀରମହାରାଜପୁର ଇଂ. ରଘୁନାଥ ଜଗଦଲା ବୈଠକରେ ଉପସ୍ଥିତ ରହି ଜିଲ୍ଲାର ଧାନ କିଣା ବିକାକୁ ସ୍ୱଚ୍ଛତାର ସହ ବିଧିବ୍ୟବସ୍ଥା ମଧ୍ୟରେ ସମ୍ପାଦନ କରିବାକୁ ଜିଲ୍ଲା ପ୍ରଶାସନ ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଦୁର୍ନୀତିରେ ଲିପ୍ତ କୌଣସି ଅଧିକାରୀ କିମ୍ବା କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି କହିବା ସହ ସମସ୍ତ ଅଧିକାରୀ ତଥା ନିୟୋଜିତ କର୍ମଚାରୀ, ଲୋକାଭିମୁଖୀ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲାପାଳ ଶ୍ରୀମତୀ ଅନନ୍ୟା ଦାସ ମନ୍ତ୍ରୀ, ସାଂସଦ ବଲାଙ୍ଗୀର, ବିଧାୟକ ବୀରମହାରାଜପୁରଙ୍କୁ ବୈଠକରେ ସ୍ୱାଗତ କରିବା ସହ ଜିଲ୍ଲାରେ ଧାନକିଣାବିକାକୁ ସ୍ୱଚ୍ଛ ତଥା ସୁସମନ୍ୱୟ ପୂର୍ବକ ସମ୍ପାଦନ କରିବା ନିମନ୍ତେ ନିଆଯାଇଥିବା ଆବଶ୍ୟକ ପଦକ୍ଷେପ ତଥା ଭିତିଭୂମି ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ସମୀକ୍ଷା ବୈଠକରେ ବିଭାଗୀୟ କାର୍ଯ୍ୟାବଳୀ, କାର୍ଯ୍ୟକାରିତା ତଥା ଅନ୍ୟାନ୍ୟ ଅନୁସଙ୍ଗିକ ତଥ୍ୟ ପାୱାର ପ୍ରେଜେଂଟେସନ ଜରିଆରେ ଉପସ୍ଥାପନ କରିଥିଲେ। ସେ ଏହି ଅବସରରେ ଜିଲ୍ଲାର ପେଡି ପ୍ରକ୍ୟୁରମେଣ୍ଟର ଧାର୍ଯ୍ୟ ଲକ୍ଷ୍ୟ ସହ ଧାନ କିଣାବିକାର ତଥ୍ୟ ପ୍ରଦାନ କରିଥିଲେ। ସି ଏମ ଆର ଡ଼େଲିଭରି ସ୍ଥିତିରେ ଯେତିକି ହେବା କଥା ସେତିକି ହେଉନଥିବା ସୂଚିତ କରିଥିଲେ। ଜିଲ୍ଲାରେ ଧାନ କିଣାବିକା ରେ ନିୟୋଜିତ ଥିବା ପେକ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ସମ୍ପୃକ୍ତି ଉପରେ ସୂଚିତ କରିଥିଲେ। ଜିଲ୍ଲାରେ ରହିଥିବା ଷ୍ଟକ ଡିପୋ ସହ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ତଥ୍ୟ ଦେଇ ବ୍ଲକ ଓ ସହରାଞ୍ଚଳରେ ରାସନ କାର୍ଡ ପାଇଥିବା ହିତାଧିକାରୀଙ୍କ ତଥ୍ୟ ପ୍ରଦାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଡି ଆର ସି ଏସ ଉପଜିଲ୍ଲାପାଳ ସୌମ୍ୟାରୁପା ରଥ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ସାଂସଦ ପ୍ରତିନିଧି ଶରତ ଶତପଥି, ସହକାରୀ ନିବନ୍ଧକ, ସୋନପୁର ଓ ବୀରମହାରାଜପୁର , ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ସମେତ ଜିଲ୍ଲା ତଥା ବ୍ଲକ ସ୍ତରୀୟ ସମ୍ପୃକ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।


# ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୫/୧୦ (ନି.ପ୍ର): ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟଂଦେଓ , ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀ , ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖେତ୍ରି , ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ ଉପସ୍ଥିତ ଥିଲେ । ତାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ନିୟମାବଳୀ ସମ୍ପର୍କରେ ଆଲୋଚନା ହେଇଥିଲା । ଏହି ସମୟ ମଧ୍ୟରେ ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ଭସାଣୀ ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଓ ଲେଜର ଲାଇଟ ଉପରେ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ଆରମ୍ଭ ଓ ଶେଷ କରିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ମରାମତି, ମାଦକ ଦ୍ରବ୍ୟ ନିଷେଧ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ସମସ୍ତ ପୂଜା ମଣ୍ଡପ କୁ ଜରୁରୀକାଳୀନ ପ୍ରାଥମିକ ମେଡିକାଲ କିଟ ରଖିବାକୁ ଅନୁରୋଧ କରା ଯାଇଥିଲା । ଖାଦ୍ୟ ର ମାନ ଯାଂଚ ଏବଂ ସଫା ସୁତୁରା କୁ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ କୁହା ଯାଇଥିଲା । ସମସ୍ତ ପ୍ରମାଣୀକରଣ କରେଇନେବାକୁ ଅନୁରୋଧ କରା ଯାଇଥିଲା । ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ ବ୍ୟବହାର ଏବଂ ପଲିଥିନ ବଦଳରେ ପରିବେଶ କୁ ସୁହାଉଥିବା ଦ୍ରବ୍ୟ ବ୍ୟବହାର କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରା ଯାଇଥିଲା । ବ୍ୟବହୃତ ମାଇକ ସିଷ୍ଟମରେ ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦେକ୍ଷପ ନିଆଯିବ। ମେଢ଼ ଗୁଡ଼ିକରେ ସି.ସି.ଟି.ଭି ଲଗାଇବା ପାଇଁ ପୂଜା କମିଟି ସଦସ୍ୟମାନଙ୍କୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ଓ ଆସନ୍ତା ଦୁର୍ଗାପୂଜାକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପ୍ରଶାସନ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ଅକ୍ଟୋବର ୨୦୨୪
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ ବେହେରା

**ଭାଗ-୭୦**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସେକଥା ଶୁଣି ବିଭୀଷଣ କହିଥିଲେ ପ୍ରଭୁ। ଏଠାରୁ ଅନେକ ଯୋଜନ ଦୂରରେ ଗନ୍ଧମାର୍ଦ୍ଦନ ପର୍ବତ ରହିଛି । ସେ ପର୍ବତରେ ରହିଛି ମୃତ ସଞ୍ଜିବନୀ ଔଷଧ ‘ବିଷଲ୍ୟକରଣୀ’ । ତାକୁ ଯଦି କେହି ଆଣି ଏଠାରେ ଆଜିର ରାତି ପାହିବା ପୂର୍ବରୁ ପହଞ୍ଚାଇ ଦେଇପାରିବ, ତେବେ ଲକ୍ଷ୍ମଣ ବଞ୍ଚି ଯାଇପାରିବେ । ସେ ଔଷଧ ଗୁଳ୍ମର ରସ ଶକ୍ତିଭେଦ ସ୍ଥାନରେ ଝରାଇ ଦେଇପାରିଲେ, ଲକ୍ଷ୍ମଣ ସଂଜ୍ଞା ଫେରି ପାଇବେ । କିନ୍ତୁ ପ୍ରଭୁ ଏ କାର୍ଯ୍ୟ ସୂର୍ଯ୍ୟୋଦୟ ପୂର୍ବରୁ ହେବା ଉଚିତ । ଆଜି ରାତି ଯଦି ପାହିଯିବ, ତାହେଲେ ଆମେ ଆଉ ଲକ୍ଷ୍ମଣଙ୍କୁ ଫେରି ପାଇବା ନାହିଁ ।

ନାଁ ଚିତ୍କାର କରି ଉଠିଥିଲେ ମୋ ପ୍ରଭୁ । ତାହା ମୁଁ ହେବାକୁ ଦେବିନାହିଁ । ଯେମିତି ବି ହେଉ ଗନ୍ଧମାର୍ଦ୍ଦନରୁ ବିଶଲ୍ୟକରଣୀ ଆସିବ । ଲକ୍ଷ୍ମଣ ମୋର ବଞ୍ଚିବ । ଆଜିର ରାତିକୁ ମୁଁ ପାହିବାକୁ ଦେବିନାହିଁ । ଶରବୃଷ୍ଟି କରି ସମଗ୍ର ଆକାଶକୁ ମୁଁ ଅନ୍ଧକାରରେ ଛାଇଦେବି । ଶତଚେଷ୍ଟା କଲେ ବି ସୂର୍ଯ୍ୟ ଉଦୟ ହେବେନାହିଁ।

ମୋ ପ୍ରଭୁଙ୍କ କଥା ଶୁଣି ବିଭୀଷଣ କହିଥିଲେ ପ୍ରଭୁ ଏତେ ଦୂର ରାସ୍ତା ଅତିକ୍ରମ କରି କିଏ ଯାଇ ଗନ୍ଧମାର୍ଦ୍ଦନରୁ ବିଶଲ୍ୟକରଣୀ ଆଣିବ। କାହାର ଶକ୍ତି ଅଛି ଏଇ ଅଳ୍ପ ସମୟ ମଧ୍ୟରେ

ବିଭୀଷଣଙ୍କ ପାଟିରୁ ବଚନ ଛଡ଼ାଇ ନେଇ ହନୁମାନ କହିଥିଲେ, ମୁଁ ଯିବି ବିଭୀଷଣ, ମୁଁ ଯିବି। ମୁଁ ଯାଇ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ନେଇ ଆସିବି ।

ଏତେ ରାସ୍ତାକୁ ଅତିକ୍ରମ କରି ତୁମେ ସୂର୍ଯ୍ୟ ଉଦୟ ପୂର୍ବରୁ ବିଶଲ୍ୟକରଣୀ ଆଣିପାରିବ ତ ହନୁମାନ ?

ପାରିବି ବିଭୀଷଣ ନିଶ୍ଚୟ ପାରିବି । ମୋ ପ୍ରଭୁଙ୍କର କୃପା ଥିଲେ ମୁଁ ସବୁ କରିପାରିବି । ଖାଲି ବିଶଲ୍ୟକରଣୀ ନୁହେଁ, ସୂର୍ଯ୍ୟ ଉଦୟ ହେବାକୁ ଚାହିଁଲେ, ତାକୁ ମଧ୍ୟ ବାନ୍ଧି ପକାଇବି । ମୁଁ ଏଇ ମୁହୂର୍ତ୍ତରେ ଚାଲିଲି ବିଭୀଷଣ । ତୁମେ ପ୍ରତୀକ୍ଷା କରି ରୁହ । ପ୍ରଭୁ ମୋର ମୋତେ ଆଦେଶ ଦିଅନ୍ତୁ। ତାଙ୍କ ଆଦେଶ ପାଇଲା ମାତ୍ରେ...

ହନୁମାନଙ୍କ କଥା ଶୁଣି ମୋ ସ୍ୱାମୀ କାନ୍ଦିକାନ୍ଦି କହିଥିଲେ, ଯାଅ ହନୁମାନ । ଆଉ କାଳବିଳମ୍ବ କରନାହିଁ ।

ମୋ ସ୍ୱାମୀଙ୍କ ଠାରୁ ଆଦେଶ ପାଇ ଜୟ ଶ୍ରୀରାମ ଧ୍ୱନି ଦେଇ ହନୁମାନ ମିଶି ଯାଇଥିଲେ ଆକାଶ ମାର୍ଗରେ ।

ହନୁମାନ ଯିବାପରେ ପ୍ରଭୁ ମୋର ଚାତକ ପରି ଅନାଇ ରହିଥା’ନ୍ତି ତାଙ୍କ ଫେରିବା ପଥକୁ । ତାଙ୍କ ସହିତ ବିଭୀଷଣ, ସୁଗ୍ରୀବ ତଥା ଅନ୍ୟାନ୍ୟ ବାନର ସୈନ୍ୟମାନେ ମଧ୍ୟ ପ୍ରତୀକ୍ଷା କରି ରହିଥା’ନ୍ତି । କେତେବେଳେ ଫେରିବେ ହନୁମାନ । ରାତି ବଢ଼ିବଢ଼ି ଚାଲିଥାଏ । କିଛି ସମୟ ପରେ ପ୍ରଭାତ ହେବ । ନିର୍ଦ୍ଧାରିତ ସମୟ ପୂର୍ବରୁ ଯଦି ହନୁମାନ ନଫେରନ୍ତି । ହନୁମାନ ଫେରୁ ନଥିଲେ କି ରାତି ବି ପାହୁ ନଥିଲା । ସ୍ୱାମୀ ମୋର ଆଖିବୁଜି ନିରବରେ ବସି ରହିଥାନ୍ତି ଲକ୍ଷ୍ମଣ ପାଖରେ । ସେଦିନ ତ୍ରିଜଟା ମଧ୍ୟ ଲୁଚିରହି ଏ ଦୃଶ୍ୟ ଅବଲୋକନ କରୁଥାଏ ସୁଧାମୟୀ । ଅନେକ ସମୟ ବିତିଯିବା ପରେ ଆକାଶ ମାର୍ଗରେ ଏକ ଭୟଙ୍କର ଶବ୍ଦ ଶୁଣାଯିବା ସହ ପବନ ଭୀଷଣ ବେଗରେ ବହିବାକୁ ଲାଗିଲା । କ’ଣ ହେଲା କ’ଣ ହେଲା ବୋଲି ସମସ୍ତେ ଉପରକୁ ଅନାଇ ଦେଖନ୍ତି ତ ହନୁମାନ ଏକ ବିରାଟ ପର୍ବତକୁ ବହନ କରି ତଳକୁ ଅବତରଣ କରୁଛନ୍ତି । ଚାହୁଁ ଚାହୁଁ ପର୍ବତକୁ ତଳେ ରଖିଦେଇ ସେ କହିଥିଲେ, ପ୍ରଭୁ ଗନ୍ଧମାର୍ଦ୍ଦନରେ ମୁଁ ବିଶଲ୍ୟକରଣୀକୁ ଚିହ୍ନି ନପାରି ଏ ପର୍ବତକୁ ଉପାଡ଼ି ଆଣିଛି । ରାଜଭ୍ରାତା ବିଭୀଷଣ ଆପଣ ଏ ପର୍ବତରୁ ବିଶଲ୍ୟକରଣୀ ଖୋଜି ଆଣନ୍ତୁ। ଯେତେ ଶୀଘ୍ର ପାରୁଛନ୍ତି କାର୍ଯ୍ୟ ଶେଷ କରନ୍ତୁ । ଦିବାକର ମୋ କାଖତଳେ ଲୁଚି ରହି ଅତିଷ୍ଠ ହେଲେଣି । ମୁଁ ଏବେ ତାଙ୍କୁ ମୁକ୍ତ କରିଦେବି ।

ହନୁମାନ ତୁଣ୍ଡରୁ କଥା ନସରୁଣୁ ବିଭୀଷଣ ଯାଇ ପର୍ବତ ଉପରୁ ବିଶଲ୍ୟକରଣୀ ତୋଳିଆଣି ତହିଁରୁ ରସ ବାହାର କରି ଲକ୍ଷ୍ମଣଙ୍କ କ୍ଷତସ୍ଥାନରେ ଲଗାଇ ଦିଅନ୍ତେ ନିଦରୁ ଉଠିଲା ଭଳି ଲକ୍ଷ୍ମଣ ଉଠିବସିଥିଲେ । ସଭିଙ୍କ ମୁଖରେ ଖେଳି ଯାଇଥିଲା ଆନନ୍ଦର ଲହରୀ । ପ୍ରଭୁ ମୋର ଲକ୍ଷ୍ମଣ, ଲକ୍ଷ୍ମଣ କହି ଅନୁଜଙ୍କୁ କୋଳାଗ୍ରତ କରିନେଇଥିଲେ । ଲକ୍ଷ୍ମଣଙ୍କୁ ଉଠିବସିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ ବୀର ହନୁମାନ କହିଥିଲେ ଜୟ ଶ୍ରୀରାମ, ଜୟ ଶ୍ରୀରାମ । ମୋ ପ୍ରଭୁଙ୍କ କୃପାରୁ ମୁଁ ଗନ୍ଧମାର୍ଦ୍ଦନ ଭଳି ପର୍ବତକୁ ଉପାଡ଼ି ଆଣି ପାରିଲି । ପଥ ମଧ୍ୟରେ ସିନ୍ଦୂରା ଫାଟୁଥିବାର ଜାଣି ସୂର୍ଯ୍ୟଦେବଙ୍କୁ ନିମନ୍ତ୍ରଣ କରି ମୋ କାଖ ତଳେ ଲୁଚାଇ ରଖିଛି । ଏବେ ମୁଁ ଆପଣଙ୍କୁ ମୁକ୍ତ କରିଦେଲି ଦିନନାଥ । ମୋ ପ୍ରଭୁଙ୍କ ମାନ ରକ୍ଷା କରି ଆପଣ ମୋତେ ଧରା ଦେଇଥିବା ହେତୁ ମୁଁ ଆପଣଙ୍କୁ କୋଟିକୋଟି ପ୍ରଣାମ ଜଣାଉଛି । ଜଗତବାସୀଙ୍କୁ ଏବେ ଆପଣ ତେଜ ପ୍ରଦାନ କରନ୍ତୁ । ଏହାକହି ସେ କାଖରୁ ସୂର୍ଯ୍ୟଦେବଙ୍କୁ ମୁକ୍ତ କରି ଦିଅନ୍ତେ, ପୂର୍ବଦିଗକୁ ଆଲୋକିତ କରିଥିଲେ ଗ୍ରହନାଥ । ପ୍ରଭୁ ଶ୍ରୀରାମଙ୍କ ଆଦେଶ ମାନି ହନୁମାନ ପୁଣିଥରେ ଗନ୍ଧମାର୍ଦ୍ଦନକୁ ନେଇ ତା’ ସ୍ଥାନରେ ସ୍ଥାପନ କରିଦେଇ ଆସିଲେ ।

ରାତି ପାହିବା ମାତ୍ରେ ପ୍ରଭୁଙ୍କ ଶିବିରରେ ଖେଳି ଯାଇଥିଲା ଆନନ୍ଦର ଲହରୀ । ଏ ଦୃଶ୍ୟ ଦର୍ଶନ କରି ତ୍ରିଜଟା ମୋତେ ଲକ୍ଷ୍ମଣ ଜୀବନ ଫେରି ପାଇବାର ସମ୍ବାଦ ଦିଅନ୍ତେ, ମୁଁ ମଧ୍ୟ ଆନନ୍ଦରେ ଉଲ୍ଲସିତ ହୋଇ ଉଠିଥିଲି ସୁଧାମୟୀ । ପ୍ରାର୍ଥନା ମୋର ସଫଳ ହେଲା । ବିଶ୍ୱ ନିୟନ୍ତା ମୋ ଗୁହାରି ଶୁଣିଲେ । ଜାଗି ଉଠିଲେ ଲକ୍ଷ୍ମଣ । ଏ ସମ୍ବାଦ ପାଇ ରାବଣ ଦୁଃଖରେ ଭାଂଗିପଡ଼ିଥିଲା । ସେ ନିଶ୍ଚିତ ହୋଇ ଯାଇଥିଲା ଯେ ଶକ୍ତିଭେଦରେ ଲକ୍ଷ୍ମଣ ନିଶ୍ଚୟ ମରିବ । ହେଲେ ଲକ୍ଷ୍ମଣ ବଞ୍ଚି ଉଠିବାର ସେ ଅତ୍ୟନ୍ତ କ୍ରୋଧିତ ହୋଇ ଯୁଦ୍ଧ ଅଭିଯାନକୁ ଦ୍ୱିଗୁଣିତ ବଢ଼ାଇ ଦେଇଥିଲା ।

ପୁଣି ସେହି ମହାସମର ।

ତ୍ରିଜଟା ମୋ ପାଖରେ ଖବର ପହଞ୍ଚାଉଥାଏ । ଯେଉଁଦିନ ହନୁମାନ ଗୋପନରେ ଆସି ଇନ୍ଦ୍ରଜିତର ନିକୁମ୍ଭିଳା ଯଜ୍ଞ ଧ୍ୱଂସ କରିଥିଲା, ସେ ସମ୍ବାଦ ମଧ୍ୟ ମୋତେ ତ୍ରିଜଟା ଦେଇଥିଲା । ତହିଁ ପରଦିନ ମୁଁ ଜାଣିଲି ରାବଣର ଶ୍ରେଷ୍ଠ ଯୋଦ୍ଧା, ପ୍ରିୟପୁତ୍ର ଇନ୍ଦ୍ରଜିତ ଲକ୍ଷ୍ମଣ ହସ୍ତରେ ନିଧନ ହୋଇଛନ୍ତି ବୋଲି ।

ପୁତ୍ର ଇନ୍ଦ୍ରଜିତର ମୃତ୍ୟୁରେ ଅତ୍ୟନ୍ତ ଦୁଃଖିତ ହୋଇ ପଡ଼ିଥିଲା ଲଙ୍କପତି । ଗୋଟାଏ ପରେ ଗୋଟାଏ ତା ବଂଶର ସମସ୍ତେ ଯୁଦ୍ଧରେ ପ୍ରାଣବଳି ଦେଉଛନ୍ତି । ଶେଷରେ ବିଭୀଷଣର ପୁତ୍ର ତରଣୀସେନ ମଧ୍ୟ ଯୁଦ୍ଧ କରିବାକୁ ଯାଇ ମୃତ୍ୟୁବରଣ କଲା ।

ତ୍ରିଜଟା କହୁଥାଏ ମା’ ସୀତେ ଦୁଃଖର ଦିନ ତୁମର ଏବେ ସରିଆସିଲାଣି । ରାବଣର ସୈନ୍ୟ ସାମନ୍ତ ସହ ତାର ପୁତ୍ର ପୌତ୍ର ସମସ୍ତେ ମଲେଣି। ଏକାକୀ ରାବଣ ଲଢୁଛନ୍ତି ତୁମ ସ୍ୱାମୀଙ୍କ ସଂଗରେ। କେଉଁଦିନ ଯେ ସେ ତୁମ ସ୍ୱାମୀ ହସ୍ତରେ ମୃତ୍ୟୁବରଣ କରିବେ....

ତ୍ରିଜଟା କଥା ଶୁଣି ମୁଁ କହିଥିଲି ରାବଣ ମରିବ ମା’ ତ୍ରିଜଟା ନିଶ୍ଚୟ ମରିବ । ଏବେ ସେ ଅର୍ଦ୍ଧମୃତ । ଜ୍ଞାତି, ପରିଜନ, ସୈନ୍ୟସାମନ୍ତ, ପୁତ୍ର, ପୌତ୍ରଙ୍କୁ ହରାଇ ସେ ବାଉଳ । କାହାରି କଥା ସେ ରଖିନାହିଁ । ତୁମେ କହୁଥିଲ ତାଙ୍କ ସ୍ତ୍ରୀ ମନ୍ଦୋଦରୀ ତାଙ୍କୁ ଅନେକ ଅନୁନୟ ବିନୟ ହୋଇ ପାଦଧରି କହୁଥିଲେ ‘ଏଥର ଯୁଦ୍ଧ ବନ୍ଦ କରି ଶ୍ରୀରାମଙ୍କ ଶରଣ ନିଅ ।’ ସ୍ତ୍ରୀର କଥା ନରଖି ଅହଙ୍କାର କରି ସେ କହିଥିଲା ଶ୍ରୀରାମର କଟାମୁଣ୍ଡକୁ ଲଙ୍କା ମାଟିରେ ନପକାଇବା ପର୍ଯ୍ୟନ୍ତ ରାବଣ ମରିବ ନାହିଁ ମନ୍ଦୋଦରୀ ।

(କ୍ରମଶଃ)


❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ‘ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍ସୁ...’

ପୁଷ୍ପମିତ୍ର ମହାପାତ୍ର

‘ମା’- ଶଦ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା’ ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା’ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସ । ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା’ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । ‘ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି ॥’ ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା । ଦେବୀ ତାକୁ ମଧ୍ୟ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । ‘ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍ସୁ...’ ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ ।

ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ। ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା। ଏହା ବ୍ୟତୀତ ନଅଦିନ, ପାଞ୍ଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ୍ୟ ହୋଇଥାଏ। ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ। ଦେବୀପୀଠ ମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ। ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ। ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ। ମୂଳାଷ୍ଟମୀରୁ ମହାଷ୍ଟମୀ - ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀ ମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ। ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାର ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ। ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ। ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ। ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ।

ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିରୀ ‘ମା’ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଳାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା’ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।


❤ ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯


## କବିତା...

### ॥ ଦୁର୍ଗାମାଂ ଦୁର୍ଗା ॥

ନକୁଳ ଚନ୍ଦ୍ର ସାହୁ



ଗୋଟିଏ ଚିତ୍ର
ନିଜ ବୃତ୍ତରେ ନିଜେ ପରିବ୍ୟାପ୍ତ
ଯଦିଓ ଏକୈବ
ମାତ୍ର ନୈକା, ସେ ବିଶ୍ୱରୂପା !

ବିଲ୍ୱପତ୍ର ତ୍ରିଶାଖା
ଯାଃ ପୁନଃ ଶାଂଭବୀ
ସା
ମୁଦ୍ରା, ଦୁର୍ଗାମାଂ ଦୁର୍ଗା !
ଶବ୍ଦ ଶକ୍ତି ପ୍ରକାଶିକା
ବାଚାତୀତା
ମନ, ପ୍ରାଣ ଓ ବାକ୍
ମହା ନିର୍ଗୁଣ ରୂପା, ଲାବଣ୍ୟ ସାରମ୍ !

ଅପାର ସଂବିତ୍ ସୁଖ ସାଗରା
ମାୟାଂ ! ସେୟଂ କ୍ରିୟାତ୍ମିକା
ମନୋହର ମୂର୍ତ୍ତି
ଜନ୍ମ ଓ ମୃତ୍ୟୁ ରୂପକ କାଳଚକ୍ର ନାଚୁଛି !

ମନୀଷ ମନସା ଅଭିକ୍ଳୃପ୍ତ
ଆପ୍ସୁ ଅଂତଃ
ଅହମ୍... ଭଗମ୍
ଅହଂ ସୁବେ ! ମମ ଯୋନିର୍ମହଦ୍ ବ୍ରହ୍ମ

ମୂଳାଧାର ତ୍ରିକୋଣୀ ଚକ୍ର
ନିଜ ବୃତ୍ତ

ଗୋଟିଏ ଅଶ୍ୱତ୍ଥ ପତ୍ର ସବୁଜ ଶେଯ
ଶୋଇଛି ସେ ମୋହିନୀ ଲାଜ କାମବୀଜ !


❤ ଶବ୍ଦଘର, ଗୋଡିସାହି
କଟକ-୭୫୪୦୦୬
(ମୋ) ୯୪୩୭୭୪୦୨୬୪




ମୂଳ ଇଂରାଜୀ :
ଶୈଳେଶ ଗୁପ୍ତା ବୀର



ଅନୁବାଦ :
ଦେବଯାନୀ ଦାସ

### ॥ ତୁମେ ସଂପୂର୍ଣ୍ଣ କାବ୍ୟ ॥

ମୁଁ ଶବ୍ଦ ତ ତୁମେ ଶବ୍ଦକୋଷ
ମୁଁ ଧ୍ୱନି ହେଲେ ତୁମେ ତା ଭାବାର୍ଥ ।

ମୁଁ ସାଧା କାଗଜ ଟିଏ
ତୁମେ ତ ଲେଖନୀ,
ମୁଁ ବାଦ୍ୟ ର ଦେହ ତ ତୁମେ ତରଙ୍ଗିଣୀ ।

ମୁଁ ସରଳ ବାକ୍ୟ ଟିଏ
ତୁମେ ତାର ଛନ୍ଦ ଆଉ ଲୟ,
ତୁମେ ସାହିତ୍ୟ ହେଲେ
ମୁଁ ବ୍ୟାକରଣ କେବଳ।

ଯେବେ ବିଛୁରି ଦିଅ ତମେ
ଶବ୍ଦ ଯେତେ ପବନରେ
ତୋଳି ନିଏ ତାକୁ ମୁଁ ସିନା,
ତମେ ମୋ ବିଚାରର ଶକ୍ତି ହେଲେ
ମୁଁ କେବଳ ଭାବନା ।

ତୁମେ ତ ସଂପୂର୍ଣ୍ଣ କାବ୍ୟ
ମୁଁ ମାତ୍ର କବିତା ର ଭାବ,
ତୁମ ବିନା କିଛି ବି ନୁହେଁ ମୁଁ
ତୁମେ ମୋ ଜୀବନର
ଅତୀତ ଓ ଭବ୍ୟ,
ତୁମେ ଏକ ସମ୍ପୂର୍ଣ କାବ୍ୟ।


❤ ଚୂନଭାଟି ଲେନ୍, ବାଲେଶ୍ୱର
(ମୋ) ୭୯୭୮୮୮୪୧୮୮


ଜ୍ଞାନେନ୍ଦ୍ର କୁମାର ପଣ୍ଡା



### ॥ ଅବିଶ୍ରାନ୍ତ ॥

ସେ ଉଦାସୀ ସ୍ତ୍ରୀ କୁ
ଏଥର ମଧ୍ୟ ଆପାଦ ମସ୍ତକ
ଛୁଉଁଥିଲା କେହିଜଣେ ।

ସେ ଥିଲା ଏଥର ବି
ପୂର୍ବବତ୍ ନିଷ୍ପ୍ରାଣ ନିଥର ।

ଧୈର୍ଯ୍ୟର ଦୀପଟିଏ ଜାଳି
ଆଜି ବି ସେ ଥିଲା ଅପେକ୍ଷାରେ
ଦିନେ ଜଣେ ଆସି ତାକୁ ଛୁଇଁବ ଏମିତି ଯେ
ସେ ସ୍ପର୍ଶରେ ଭେଦିଯିବ
ତା’ ଭିତର ଆଜନ୍ମ ଉଦାସପଣ ।


❤ ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ) ୯୮୬୧୧୧୬୩୮୦




### ॥ ପ୍ରେମ ॥

ସୁଧୀର ମେହେର

ସେ କିଏ ଜାଣିନି,
ଜାଣିବାର ଆଗ୍ରହ ବି ରଖିନି କେବେ ॥

ବାସ୍ ! ତା’କୁ ଦେଖିଲେ ହିଁ
ମନ ଖୁସିରେ ଭରିଯାଏ,
ହୃଦୟର ସାତ ତାଳ ଗହୀରରେ
ପ୍ରସ୍ଫୁଟିତ ହୁଏ
ଭଲପାଇବାର ନୀଳପଦ୍ମଟିଏ ॥

କଣ୍ଠରେ ତା’ର କୋଇଲିର କୁହୁତାନ,
ଆଖିରେ ଅଯୁତ ଯୁଗର ସୀମାହୀନ
ସ୍ୱପ୍ନ....
ଯେମିତି ବେଶ୍ କିଛି କହିବାକୁ ଚାହୁଁ ଥାଏ
ତା’ର ଥରିଲା ଥରିଲା ଓଠ ॥

ସେ କିନ୍ତୁ କିଛି ବି କହେନି,
ଅନ୍ୟମନସ୍କତାରେ ମାଟିରେ ଗାର ଟାଣେ
ମୁହରେ ମୁଠା ମୁଠା ଅବିର ବୁଣେ,
ମୁଁ ବି କିଛି କହି ପାରେନି
ତନ୍ମୟତାରେ ଆକାଶକୁ ଅନାଏ...

ଆକାଶରେ ଟାଣି ହୋଇ ଯାଇଥାଏ
ସାତ ରଙ୍ଗର ଇନ୍ଦ୍ରଧନୁ,
ଅଳ୍ପ ଦୂରରେ ଖିଲ୍ ଖିଲ୍ ହସୁଥାଏ
ରୂପାଜହ୍ନ ।

ଅବାକ୍ ହୁଏଁ
ହଠାତ୍ ଏ ଇନ୍ଦ୍ରଧନୁ ଆସିଲା କେଉଁଠୁ !!

ୟେ ଆମ ଭଲପାଇବାର
ପ୍ରତୀକ ନୁହେଁ ତ !!


❤ ଚିଚୈଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭


### ॥ ଅଦିନ ବଉଦ ॥

ଚିନ୍ତାମଣି ମହାଳିକ



ଅବୋଧ ମନକୁ ବୋଧ ଦେବାଲାଗି
ମୋ ପାଇଁ କେହି କେବେ ଗାଇନାହିଁ
ଆ ଜହ୍ନ ମାମୁ ଶରଦ ଶଶି....
ଗାଁ ଦାଣ୍ଡେ ଖେଳିନାହିଁ ଧୂଳିଘର
ଗୋଡ଼ିଭାତ, ପାଣିଡାଲି
ଧାଡି ଧାଡି ପତର ସଜେଇ ।

ଖରା, ବର୍ଷା, ଶୀତର ଖପରା ଡିଆଁ
ଡେଇଁ ଡେଇଁ ଥକିଛି ମୋ କଅଁଳ ବୟସ ପାଦ
ଏବେ ପିଠିରେ ମୋ ଜରି ପ୍ଲାଷ୍ଟିକର
ଏଣୁତେଣୁ ଆବର୍ଜନା ବୋଝ ।

ପୋକ-ଜୋକ ଘାଣ୍ଟି ବଞ୍ଚୁଥିବା ଜୀବଟିଏ ପରି
ଅପନ୍ତରା ଅଳିଆ ଭିତରେ ବିତେ
ମୋ ଜୀବନ
କୁଢ଼ କୁଢ଼ ଅଳିଆ ଭିତରେ ପ୍ରତିଦିନ ହୁଏ
ମୋ ଜୀବନର ଅସ୍ତ ଓ ଉଦୟ ।

ତେଣୁ ଆଖି ମୋର ଫିଟେ ନାହିଁ
କେମିତି ଫିଟିବ ?
ପେଁକାଳି ବାଜେନାହିଁ
କେମିତି ବାଜିବ ?

ଦରମଲା ଦୁବଘାସ ପରି
ଦୁନିଆ ଆଗରେ ପଡ଼ିଅଛି
ଅଭିଶପ୍ତ ବାଳୁତ ବୟସ
ମୋ ପାଇଁ କ’ଣ ଚେଇଁ ଉଠିବେନି
ଆକାଶର ଅଦିନ ବଉଦ !


❤ କାଶିପୁର -ବଳରାମପୁର
କେନ୍ଦୁଝରଗଡ -୭୫୮୦୦୧
ମୋ : ୮୭୬୩୧୯୯୬୨୮


ବାବାଜୀ ଚରଣ ଜେନା

### ॥ ବିଷ ପୀୟୂଷ ॥



ବିଷ କି ପୀୟୂଷ ନଭାବି ମନରେ
ବିଶ୍ୱାସରେ ଦେଲି ପିଇ
ଶେଷ ଅଙ୍କ ଶେଷ ନହେବା ଆଗରୁ
ଚାଲିଗଲା ଠକିଦେଇ...

ଶବ୍ଦରେ ଯାହାକୁ ମାପି ହୁଏନାହିଁ
କହିବାକୁ ଭାଷା କାହିଁ
ଖେଳନା ଭାବି ମୁଁ ଖେଳିଲି ଯା’ସଙ୍ଗେ
ବିଷଧର ସର୍ପ ସେହି
ଯେତେ ଦେଲେ ତାକୁ ଦଂଶନ କରେ ସେ
ମିଠା ମିଠା କଥା କହି...

ମଣିଷ ପଣିଆ ଥିବ ଟିକେ ଯାର
ମାପି ଚୁପି ଚାଲେ ସେଇ

ଦୁନିଆକୁ ବୁଝେ ସଂସାରକୁ ବୁଝେ
ଦରଦି ମନଟି ନେଇ
ସମ୍ମାନ ଦିନେଯେ ଦେଇନି କାହାକୁ
ସମ୍ମାନ ଜାଣିବ କାହିଁ...


❤ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ-୪
ମୋ -୯୪୩୭୮୩୪୭୧

# କେବଳ ଆତ୍ମସର୍ବସ୍ୱ ନ ହୋଇ ପାଠକଙ୍କ ପସନ୍ଦ ବୁଝିପାରିଲେ ପାଠକ ସଂଖ୍ୟା ବୃଦ୍ଧି ପାଇବ ନିଶ୍ଚୟ : ଲକ୍ଷ୍ମୀ ଚାନ୍ଦ

**ଲକ୍ଷ୍ମୀ ଚାନ୍ଦ**
ଓଡଆ ଗଳ୍ପ ଉପନ୍ୟାସ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ କୁହୁକ ବାସ୍ତବତା । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସର୍ଜନଶୀଳ ମଣିଷ ଭାବରେ । ସେ ସାଉଁଟି ପାରନ୍ତି ମାର୍ମିକ ଅନୁଭୂତିକୁ, ସଜାଡି ପାରନ୍ତି ଅନୁଭବର ଅନୁରାଗକୁ। ତାଙ୍କ ସହ ଏଥରର ଆଳାପ...



**■ ଅଳ୍ପରେ**
**ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ୍ ...**



ଜନ୍ମ ତାରିଖ- ୨୩.୦୫.୧୯୭୪
ଠିକଣା- ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬

**■ ପ୍ରକାଶିତ ପୁସ୍ତକ ■**

୧- ତଥାପି ରେବତୀ,
୨- ମଧୁମିତା
୩- ପ୍ରଲମ୍ବିତ ସ୍ୱପ୍ନ
୪- ସାକାଲାକା ବୁମ
୫- ସମୁଦ୍ର ଶୋଷ
୬- ଲକ୍ଷ୍ମୀ ଚାନ୍ଦଙ୍କ ତିନୋଟି ଉପନ୍ୟାସ
୭-ନର୍ତ୍ତକୀ ( ଉପନ୍ୟାସ)
୮- ଗୁରୁ ଓ ଅନ୍ୟାନ୍ୟ ଗଳ୍ପ
୯- ଆରପାଖ
୧୦- ଆକ୍ରାନ୍ତ
୧୧- ମାୟାରୂପ
୧୨- ବିଷ ବିଶ୍ୱାସ
୧୩- ସ୍ୱପ୍ନ ଛେଉଣ୍ଡ
୧୪- ଅକଡ (ଗଳ୍ପ ସଙ୍କଳନ)
୧୫- ସିଲହଟରେ ସକାଳ (ମିଳିତ ଉପନ୍ୟାସ)
୧୬- ମରୁତୀର୍ଥ ହିଙ୍ଗଲାଜ,
ଜନପଦ ବଧୂ ( ଅନୁବାଦ ଉପନ୍ୟାସ)

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପିଲାଦିନୁ ହିଁ ମୁଁ ଭାବୁକ ଥିଲି। ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ମୋତେ ବେଳ ଅବେଳରେ ତା ମନସ୍କ କରିନେଉଥିଲା। ଏତେ ଭାବୁକ ହୋଇଯାଉଥିଲି ଯେ ପାଖାପାଖି ଘଟୁଥିବା ଘଟଣା ମୋତେ ଡିଷ୍ଟର୍ବ କରିପାରୁନଥିଲା। ପରବର୍ତ୍ତୀ ସମୟରେ ବହି ପ୍ରତି ଆଗ୍ରହ ବଢିଲା ପ୍ରଚୁର। ଯେତିକି ସମୟ ପାଇଲି ପଢାରେ ବିତାଇଲି। ପିଲାଦିନୁ ବହୁତ ପଢାପଢି କରିଥିବାରୁ ବଡ ହେଲା ପରେ ତାହା ଲେଖା ଆକାରରେ ବାହାରିଲା। ଲେଖିବା ପାଇଁ ପ୍ରେରଣା ସ୍ୱତଃସ୍ଫୂର୍ତ୍ତ ଆସିଯାଇଥିଲା। ମୋର ଯେତିକି ମନେ ପଡେ ଷଷ୍ଠ ଶ୍ରେଣୀରୁ ହିଁ ଲେଖାଲେଖି ପାଇଁ କଲମ ଚଳାଇଥିଲି। ବେଳୁବେଳ ତାହା ବଢିଲା ସିନା କମିଲା ନାହିଁ। ତେବେ କଲେଜ ସମୟରେ ବିଧିବଦ୍ଧ ଲେଖା ଆରମ୍ଭ ହେଲା ଏବଂ ଗୋଟିଏ ପରେ ଗୋଟିଏ ପ୍ରକାଶ ପାଇଲା।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରକୃତି ହିଁ ଆରମ୍ଭରୁ ଲେଖିବା ପାଇଁ ପ୍ରେରଣା ଦେଇଥିଲା। ପରେ ଅନ୍ୟ ଲେଖକମାନଙ୍କ ଲେଖା ପ୍ରେରିତ କଲା ଆଗକୁ ଲେଖିବା ପାଇଁ । ଲେଖାଲେଖି ଆରମ୍ଭରୁ ବିଶିଷ୍ଟ କବି କେଦାର ମିଶ୍ର ଖୁବ ଆନ୍ତରିକତାର ସହିତ ଲେଖିବା ପାଇଁ ପ୍ରେରଣା ଦେବା ସହ ଲେଖିବାର ବିଭିନ୍ନ ଦିଗକୁ ବାଟ ଦେଖାଇ ଦେଇଥିଲେ। ବାହାଘର ପରେ ଲେଖା କିଛିଦିନ ବନ୍ଦ ହୋଇଯାଇଥିଲା। ଦ୍ୱିତୀୟ ଥର ଲେଖା ଆରମ୍ଭ କଲାବେଳେ ନବକିଶୋର ରାଜ ବହୁତ ପ୍ରେରିତ କରିଥିଲେ ଲେଖିବା ପାଇଁ। ତାଙ୍କ ପ୍ରରୋଚନାରେ ଉପନ୍ୟାସ ଓ ଅନୁବାଦ ପରି ବିରାଟ କାମ ସମ୍ପନ୍ନ କରିପାରିଥିଲି। ସୁନୀଲ ପୃଷ୍ଟି ମଧ ମୋ ଲେଖାର ବିସ୍ତୃତି ପାଇଁ ଅନେକ ଉପାୟ ବତାଇ ଦେଇଥିଲେ। ଏହା ସହ ସଂପାଦକ ହିସାବରେ ସାତକଡ଼ି ହୋତା, ସୈରିନ୍ଧ୍ରୀ ସାହୁ, ବନ୍ଦନା ମିଶ୍ର, କୃଷ୍ଣ କୁମାର ମହାନ୍ତି, ରଙ୍ଗାଧର ମହାପାତ୍ର (ପାଠକ ହିସାବରେ) ସବୁ ସମୟରେ ମୋ ଲେଖା ସହ ଜଡିତ ରହି ମୋତେ ବିଭିନ୍ନ ଉପାୟରେ ପ୍ରେରିତ କରିଛନ୍ତି ଲେଖିବା ପାଇଁ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସମାଜର ସମସ୍ତ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ। ଲେଖକଟିଏ ହିଁ ସମାଜ ପରିବର୍ତ୍ତନ ପାଇଁ ଉତ୍ତରଦାୟୀ। ସମାଜରେ ଘଟୁଥିବା ଅନ୍ୟାୟ ବିରୁଦ୍ଧରେ ଲେଖକଟିଏ ସତ୍‌ସାହସର ସହିତ ସ୍ୱର ଉତ୍ତୋଳନ କରିଥାଏ। ଅବଶ୍ୟ ଏହା ତା ଲେଖା ମାଧ୍ୟମରେ ଏବଂ ଖୁବ୍ ନିରବରେ। କିନ୍ତୁ ସେହି ଲେଖା ଅନେକଙ୍କ ହୃଦୟ ପରିବର୍ତ୍ତନରେ ସହାୟକ ହୋଇଥାଏ।



ସାହିତ୍ୟ ସଭା ଓ ପୁସ୍ତକ ଉନ୍ମୋଚନ ସଭାରେ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ...

ସାହିତ୍ୟ କେବେ ପ୍ରେରିତ କରିଥାଏ ତ କେବେ ଉଦ୍‌ବୁଦ୍ଧ କରିଥାଏ । ବର୍ତ୍ତମାନ ସମୟରେ ଶାରୀରିକ ଅପେକ୍ଷା ମାନସିକ ସମସ୍ୟାରେ ସମସ୍ତେ ବହୁମାତ୍ରାରେ ପୀଡିତ। ହିଂସା, ଈର୍ଷା, ପରଶ୍ରୀକାତରତାରେ ଭରପୁର ସମାଜ ବର୍ତ୍ତମାନ ଆବଶ୍ୟକ କରୁଛି ସଦିଚ୍ଛା, ସହନଶୀଳତା, ଗ୍ରହଣଶୀଳତା ଏବଂ ଟିକେ ମହୁବୋଳା କଥା ଯାହା କେବଳ ଲେଖକଟିଏ ହିଁ ଦେଇପାରିବ ତା ଲେଖା ମାଧ୍ୟମରେ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ନିଶ୍ଚିତ ଭାବରେ ଏବେ ପୂର୍ବ ଅପେକ୍ଷା ଅଧିକ ଗଳ୍ପ ଲେଖା ଯାଉଛି। ତେବେ ପାଠକମାନେ ପଢିବା ଅପେକ୍ଷା ଦେଖିବାକୁ ଅଧିକ ପସନ୍ଦ କରୁଛନ୍ତି। ହାତରେ ମୋବାଇଲ ଥିଲେ ସାରା ଦୁନିଆ ତାଙ୍କର । ସେମାନଙ୍କୁ ପଢିବାକୁ ସମୟ କାହିଁ ? ତେଣୁ ପାଠକଙ୍କ ସଂଖ୍ୟା କମିଚାଲିଛି। ତେବେ ମୁଁ ଏକଥା ମଧ କହିବା ପାଇଁ ଚାହିଁବି ଯେ ଲେଖାର ସଂଖ୍ୟାତ୍ମକ ମାନ ନ ବଢାଇ ଗୁଣାତ୍ମକ ମାନ ବଢାଇଲେ ପାଠକ ପଢିବା ପାଇଁ ଆଗ୍ରହୀ ହେବେ। ଲେଖାର ଡେଣା ଥାଏ ସେ ଉଡି ଉଡି ଯାଏ। ତେଣୁ ଭଲ ଲେଖା ପାଠକକୁ ଛୁଇଁବ ନିଶ୍ଚୟ। ଯେଉଁ କେତୋଟି ଲେଖାକୁ ସମସ୍ତ ପାଠକ ପସନ୍ଦ କରିଛନ୍ତି ତାହା ପୁଣି ସେମାନଙ୍କ ପାଖରେ ପହଞ୍ଚିଲା କେମିତି ? କେବଳ ଆତ୍ମସର୍ବସ୍ୱ ନ ହୋଇ ପାଠକଙ୍କ ପସନ୍ଦ ବୁଝିପାରିଲେ ପାଠକ ସଂଖ୍ୟା ବୃଦ୍ଧି ପାଇବ ନିଶ୍ଚୟ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ବିଶେଷ ସଙ୍କଟରେ ନାହିଁ । ଲେଖା ମଧ ଆଦୃତ ହେଉଛି। ଅନ୍ୟାନ୍ୟ ଭାଷା ତୁଳନାରେ ଓଡ଼ିଆ ଭାଷାର ଲେଖା କୌଣସି ଗୁଣରେ କମ୍ ନୁହେଁ। ଯୁଗ ସହ ଜଣେ ଲେଖକକୁ ତାଳ ଦେଇ ଲେଖିବାକୁ ପଡେ। ଯାହା ସେ ଭୋଗିଥାଏ ତାକୁ ସେ ଅନ୍ୟମାନଙ୍କ ସହ ଭାଗ କରିବାକୁ ଚାହେଁ। ମାତ୍ର ସେ ଚାହିଁବା ଅତିରଞ୍ଜିତ କିମ୍ବା ଅବାସ୍ତବ ହୋଇଗଲେ ପାଠକ ସେହି ଲେଖା ଓ ଲେଖକଠାରୁ ଦୂରେଇ ଯାଆନ୍ତି। ବର୍ତ୍ତମାନ ଭାଷା ଯାହା ବି କିଛି ସଙ୍କଟରେ ଅଛି ସେଥିପାଇଁ ଲେଖକମାନେ ଦାୟୀ। ନିଜ ଲେଖାକୁ ନେଇ ଲେଖକମାନେ ସାମାନ୍ୟ ଯତ୍ନଶୀଳ ହେଲେ ଆଉ ଯାହା ବି ସଙ୍କଟ ରହିଛି ତାହା ଖୁବ୍ ଶୀଘ୍ର କଟିଯିବ ଏହା ଆଶା କରିବା।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସାମାଜିକ ବ୍ୟବସ୍ଥା କେବେ ପୁରା ସୁଧୁରିଯାଏ ନାହିଁ। ଗୋଟିଏ ବ୍ୟବସ୍ଥା ସୁଧୁରିଲେ ଆଉ ଗୋଟେ ବ୍ୟବସ୍ଥା ବିଗିଡି ଯାଏ। ତାକୁ ସଜାଡିଲେ ପୁଣି ନୂଆ ସମସ୍ୟା ଦେଖାଯାଏ। ଲେଖକଟିଏ ଚାହିଁଲେ ତା ମଧ୍ୟରୁ କିଛି ସମସ୍ୟା ନିଶ୍ଚୟ ସମାଧାନ କରିପାରିବ, କିନ୍ତୁ ସମୁଦାୟ ସମସ୍ୟା କେବେହେଲେ ସୁଧାରି ପାରିବ ନାହିଁ ବା ପରିବର୍ତ୍ତନ କରିପାରିବ ନାହିଁ। ଏଥିପାଇଁ ସାଧାରଣ ଲୋକଙ୍କର ଭୂମିକା ରହିଛି। ଆମ ଭାଷାର ପାଠକ ଅନ୍ୟ ଭାଷା ତୁଳନାରେ କମ। ତେଣୁ ଲେଖାଟିଏ ସମାଜକୁ ପୂରା ବଦଳାଇଦେବ ସେ ଆଶା କରିବା କାହିଁକି ? ତେବେ ସଂପୂର୍ଣ୍ଣ ନ ବଦଳାଇଲେ ମଧ ଆଂଶିକ ଭାବେ ବଦଳାଇବାରେ ସାହାଯ୍ୟ କରିବ। ତେଣୁ ତାକୁ ପ୍ରତିବଦ୍ଧତାର ସହ ଲେଖିବାକୁ ହେବ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଧୀରେ ଧୀରେ ଓଡ଼ିଆ ସାହିତ୍ୟର ସ୍ଥିତି ସୁଦୃଢ ହେବାରେ ଲାଗିଛି। ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଲାଣି। ଆମର ଅନୁବାଦ ଦିଗଟି ଅତ୍ୟନ୍ତ ଦୁର୍ବଳ ଥିବାରୁ ଓଡ଼ିଆ ସାହିତ୍ୟର ଉଚ୍ଚକୋଟିର ଲେଖାସବୁ ବିଭିନ୍ନ ଭାଷାରେ ଅନୁବାଦ ହୋଇନପାରି ପଡିରହୁଛି। ଆମର ଭଲ ଲେଖାସବୁ ଆଢୁଆଳରେ ରହିଯାଉଛି। ଯେଉଁମାନେ ନିଜେ ଚେଷ୍ଟା କରୁଛନ୍ତି ସେମାନଙ୍କର କତିପୟ ଲେଖା ବିଭିନ୍ନ ଭାଷାରେ ଅନୁବାଦ ହୋଇ ଅନ୍ୟଭାଷାର ପାଠକ ପଢୁଛନ୍ତି। କିନ୍ତୁ ସେସବୁର ସଂଖ୍ୟା ହାତଗଣତି। ସମସ୍ତେ ତ ଆଉ ମନୋଜ ଦାସ କିମ୍ବା ଜୟନ୍ତ ମହାପାତ୍ର ନୁହନ୍ତି। ଆମେ ଯେତିକି ଅନ୍ୟଭାଷାର ଲେଖା ପଢୁଛେ ସେତିକି ଆମ ଭାଷାର ଲେଖା ଅନୁବାଦିତ ହୋଇ ଅନ୍ୟମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଅନୁବାଦ ଦିଗଟି ସରକାରୀ ଏବଂ ବେସରକାରୀ ଉଭୟ ସ୍ତରରେ ଆନ୍ତରିକତାର ସହ ସାହିତ୍ୟର ହିତ ପାଇଁ ଉଦ୍ୟମ ଜାରି ରହିଲେ ଆମର ସ୍ଥିତିଶୀଳତା ଉପରେ ଆଉ ସନ୍ଦେହ ରହବ ନାହିଁ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ମୋତେ ଲାଗେ ଲେଖକ ଜୀବନରେ ପୁରସ୍କାରର କୌଣସି ଗୁରୁତ୍ୱ ନାହିଁ। ପୁରସ୍କାର ସାମୟିକ ଖୁସି। ଏହା ଲେଖକକୁ ଚିରନ୍ତନ ଖୁସି କିମ୍ବା ପ୍ରେରଣା ଦେଇପାରେ ନାହିଁ। ଲେଖକର ଆତ୍ମ ସନ୍ତୁଷ୍ଟି କେବଳ ତା ଲେଖାରେ। ପାଠକର ପଦେ ପ୍ରଶଂସା ହଜାରେ ପୁରସ୍କାରଠୁ ବଡ। ତେବେ ଲେଖକୀୟ ସ୍ୱୀକୃତି ପାଇଁ ପୁରସ୍କାରର ଯେଉଁ ସାମାନ୍ୟ ଗୁରୁତ୍ୱ ରହିଛି ତାହା ନଗଣ୍ୟ। ରାମାୟଣ, ମହାଭାରତ, ଗୀତା, ଭାଗବତ ପ୍ରଭୃତିର ରଚନା ପୁରସ୍କାର ଉଦ୍ଦେଶ୍ୟରେ କରାଯାଇନଥିଲା। ତଥାପି ତାହା ଚିର ଅମର ହୋଇ ରହିଲା। ପୁରସ୍କାର ବିଷୟରେ ଏହାଠାରୁ ବଡ ଶିକ୍ଷା ଆମ ପାଇଁ ଆଉ କ'ଣ ଅଛି ?
ସାହିତ୍ୟିକଟିଏ ନିଜ କାଳଖଣ୍ଡକୁ ଠିକଭାବେ ଚିତ୍ରଣ କରି ପାଠକଙ୍କ ନିକଟରେ ଉପସ୍ଥାପନା କରିବା ଉଚିତ। ନିଜ ସମୟର ଭାଷା ସାହିତ୍ୟ, ସଂସ୍କୃତି, ଚାଲିଚଳନ, ରାଜନୀତି, ବେଶପୋଷାକ, ଜୀବନଚର୍ଯ୍ୟା, ଯୁଦ୍ଧର ଘନଘଟା, ଶାନ୍ତିର ପ୍ରବାହମାନତା, ଧର୍ମୀୟ ପରମ୍ପରା, ଜୀବିକା, ଚଳଣି, କୃଷି, ବ୍ୟବସାୟ, ଶିକ୍ଷା, ଚିକିତ୍ସା ସହ ସମସ୍ତ ପ୍ରକାର ସାମାଜିକ ବ୍ୟବସ୍ଥାକୁ ଗଭୀରଭାବେ ଅନୁଧ୍ୟାନ କରି ଲେଖନୀ ଚାଳନା କଲେ, ତାହା ଭବିଷ୍ୟତ ପିଢି ପାଇଁ ଉଦାହରଣ ପାଲଟିଯିବ।






ସୁଖୀ ପରିବାର : ଏକମାତ୍ର ପୁତ୍ର ଓ ସ୍ୱାମୀଙ୍କ ସହ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ...

## ପ୍ରିୟ ପାଠକ-୩୩

# ପାଠକଙ୍କ ଶ୍ରଦ୍ଧା କୌଣସି ପୁରସ୍କାରଠୁଁ କମ୍ ନୁହେଁ...



ଉଦୟ ନାରାୟଣ ଦାସ

**ମୋତେ ଦେଖି ସେ ମୋତେ ଆଲିଙ୍ଗନ କରି କାନ୍ଦ କାନ୍ଦ ହେଇ କହିଲେ, 'ମୁଁ ଆପଣଙ୍କ ସେଇ ଗପଟି ପଢ଼ି ରାତିରେ ଶାନ୍ତିରେ ଶୋଇ ପାରି ନାହିଁ। ମୁଁ ସେଇ ସାନପୁଅର ଜେଜେ ଓ ମା' କଥା ଭାବୁଛି। ଏତେ ଅଳ୍ପ ବୟସରେ ପିଲାଟି ସମାଜକୁ ଛାଡି ଚାଲିଗଲେ ସମାଜ କେତେ କଷ୍ଟ ଭୋଗେ ତାର ଏକ ଜୀବନ୍ତ ଚିତ୍ର ଆପଣ ଏଇ ଗପରେ ଦେଇଛନ୍ତି। ମୁଁ ଭୁଲି ପାରୁନାହିଁ ସେଇ କାହାଣୀର କଥା।'**

ସମୟ ସନ୍ଧ୍ୟା ସାଢ଼େ ସାତ ହେବ। ମୁଁ 'ଶତାବ୍ଦୀ ପୁରୁଷ' ଉପନ୍ୟାସର ଚୂଡ଼ାନ୍ତ ପୃଷ୍ଠା ଟିପିବାରେ ବ୍ୟସ୍ତ ଥିଲି। ଏଇ ସମୟରେ ଗୋଟେ ଅଜ୍ଞାତ ନମ୍ବରରୁ ଫୋନ୍ ଆସିଲା। ଏବେ ସେଇ ସବୁ ନମ୍ବର ଧରିବାରେ ଖୁବ୍ ଭୟ। ଚାରିଆଡ଼େ ଠକ ମଣିଷଙ୍କର ଆଦୌତି। ତଥାପି ମୁଁ ଉଠାଇଲି। ଫୋନ୍ ଧରି ଥିଲେ ଜଣେ ବୟସ୍କ ଲୋକ ଯାହା ତାଙ୍କ କଥାରୁ ଅନୁମାନ କରି ହେଉ ଥିଲା। ସେ ମୋତେ ପଚାରିଲେ, 'ଆପଣ ଉଦୟ ନାରାୟଣ ଦାସ ବାବୁ କହୁଥିଲେ ?'

ମୁଁ କହିଲି,'ହଁ ମୁଁ ଉଦୟ ନାରାୟଣ। ଆପଣଙ୍କର ମୋ ପାଖରେ କିଛି କାମ ଥିଲା ?'

ସେ ଟିକେ ଧଇଁ କାଶକୁ ଯଥା ସାଧ ରୋକି କହିଲେ,'ଆଜ୍ଞା ମୁଁ ଜଣେ ବୟସ୍କ ଲୋକ। ମୋର ବୟସ ୯୫ରୁ ଅଧିକ ହେଲାଣି। ମୁଁ ଶଯ୍ୟାଶାୟୀ ମଣିଷ। ଗଛର ପାଚିଲା ତାଳ, କେତେବେଳେ ଖସି ପଡ଼ିବି।'

ମୁଁ କହିଲି, 'ଆଜ୍ଞା ସେମିତି କୁହନ୍ତୁ ନାହିଁ। ଯାହା କହିବେ କୁହନ୍ତୁ ।'

ସେ କହିଲେ,'ମୁଁ ସତ କହୁଛି ଆଜ୍ଞା। ହଁ, ମୁଁ ଆପଣଙ୍କୁ ଫୋନ୍ କରିବାର କଥା କହୁଛି। ମୋ ନାମ ଅମରେନ୍ଦ୍ର କର। ମୋ ଘର ଆପଣଙ୍କ ଘର ଠୁଁ ଖୁବ୍ କମ୍ ଦୂର। ମିର୍ଜା ପୋଖରୀ ଆଡିରେ ମୋ ଘର। ଘର ଆଗରେ ଲେଖା ହେଇଛି 'ଧ୍ରୁବ ନିକେତନ'। ଟାଉନହଲକୁ ଗଲା ବେଳେ ବାମ ପାଖରେ ଓମ୍ ଶାନ୍ତି ମେଡିକାଲ ଷ୍ଟୋର ପଡ଼ିବ। ମୋର ଫୋନ୍ ନମ୍ବର ୭୦୬୪୭୧୭୫୯୮। ମେଡିସିନ ଷ୍ଟୋରର ଠିକ୍ ଅପୋଜିଟରେ ଆମ ଘର। ପାଇବାରେ କିଛି ଅସୁବିଧା ହେବ ନାହିଁ। ନହେଲେ ଫୋନ୍ କରିବେ। ଆପଣ ଏଇ ଦୁଇ ତିନ ଦିନ ଭିତରେ ଟିକେ ମୋ ପାଖକୁ ଆସିଲେ ମୁଁ ଅତ୍ୟନ୍ତ ଆନନ୍ଦିତ ହୁଅନ୍ତି। କିଏ ଜାଣେ ମୁଁ ଆଉ ଦୁଇ ଦିନ ପରେ ଏଇ ପୃଥିବୀରେ ଥିବି କି ନଥିବି। ହେଲେ ଆପଣଙ୍କୁ ଦେଖିବାରେ ଓ ସାକ୍ଷାତରେ ଦୁଇ ପଦ କଥା ଓ ଟିକେ ଚାହା ପିଇବାର ଖୁସି ମୁଁ ଏଇ ଶେଷ ଜୀବନରେ ଆଶା କରୁଛି।'

ମୁଁ କହିଲି,'ଆପଣ ମୋତେ କାହିଁକି ଦେଖିବା ପାଇଁ ଏତେ ଆଗ୍ରହୀ? ମୁଁ ତ ଆପଣଙ୍କର ଖୁବ୍ ଅପରିଚିତ ମଣିଷ। ଆପଣ କେମିତି ମୋ ଫୋନ୍ ନମ୍ବର ପାଇଲେ ଓ କାହିଁକି ମୋତେ ଏତେ ସରାଗରେ ଡାକୁଛନ୍ତି ?'

**ମୁଁ କହିଲି,'ଆପଣ ମୋତେ କାହିଁକି ଦେଖିବା ପାଇଁ ଏତେ ଆଗ୍ରହୀ ? ମୁଁ ତ ଆପଣଙ୍କର ଖୁବ୍ ଅପରିଚିତ ମଣିଷ। ଆପଣ କେମିତି ମୋ ଫୋନ୍ ନମ୍ବର ପାଇଲେ ଓ କାହିଁକି ମୋତେ ଏତେ ସରାଗରେ ଡାକୁଛନ୍ତି ?'**

ସେ କହିଲେ,'ସେଇ କଥା କହୁଛି। ମୁଁ ଆପଣଙ୍କର ଜଣେ ପ୍ରିୟ ପାଠକ। ଆପଣଙ୍କ ଗପ ମୋତେ ଉଦ୍‌ବେଳିତ କରିଛି। ଆପଣଙ୍କର ଏଇ ଜୁଲାଇ ମାସରେ ଗୋଟେ ଗପ 'ଦୌଡ' ଯୁଗଶ୍ରୀ ଯୁଗନାରୀ ପତ୍ରିକାରେ ବାହାରିଛି। ଗପଟି ପଢ଼ି ମୁଁ ବହୁତ କାନ୍ଦିଲି। ସତରେ କଣ ଏଇ ଗପର କଥା ଗୋଟେ ସତ କାହାଣୀକୁ ନେଇ ଆପଣ ଲେଖିଛନ୍ତି ?'

ମୁଁ କହିଲି,'ପ୍ରତି ଗାଳ୍ପିକ ଗୋଟେ ଗପ ରଚନା କଲା ବେଳେ କିଛି ବାସ୍ତବ ଓ କିଛି କଳ୍ପନାକୁ ନେଇ ଗପ ରଚନା କରେ। ଏଇ ମିଶ୍ରଣ ଯେତେ ଠିକ୍ ପରିମାପରେ ହୁଏ ଗପ ସେତେ ବାସ୍ତବ ଧର୍ମୀ ହେଇ ପାଠକକୁ ଛୁଇଁ ଥାଏ। ହଁ ଆଜ୍ଞା ଏମିତିକି ଫକୀର ମୋହନଙ୍କ ସବୁ ଗପରେ ବି ନିଶ୍ଚୟ ବାସ୍ତବତା କିଛି ଥିବ। ସେ କେବେ ସମ୍ପୂର୍ଣ୍ଣ କଳ୍ପନାକୁ ନେଇ ଗପ ଲେଖି ନଥିବେ।'

ସେ କହିଲେ, 'ଆପଣଙ୍କ କଥା ମୋତେ ଗୋଟେ ଗୋଟେ କାହାଣୀ ପରି ଲାଗୁଛି। ସତ କଥା ମୁଁ ଆପଣଙ୍କ ପ୍ରିୟ ପାଠକ। ଆପଣ ନିଶ୍ଚୟ ଆସନ୍ତା କାଲି ସକାଳେ ଆସନ୍ତୁ ମୋ ପାଖକୁ ।'

ସତରେ ମୋ ପ୍ରିୟ ପାଠକଙ୍କ ଆହ୍ୱାନରେ ଏକ ଅଦ୍ଭୁତ ଯାଦୁ ଥିଲା। ମୁ ସକାଳେ ତାଙ୍କ ଘରକୁ ଯାଇଥିଲି ତାଙ୍କ ନିର୍ଦ୍ଦେଶ ମୁତାବକ। ଘର ସାମ୍ନାରେ ଜଣେ ପଞ୍ଚାବନ ବର୍ଷ ବୟସ୍କ ଲୋକ ଛିଡ଼ା ହେଇ ତାଙ୍କ ଶ୍ରୀମତୀଙ୍କ ସହିତ କଣ କଥା ହେଉଥିଲେ। ମୁଁ ଗେଟ୍ ଖୋଲି କହିଲି, 'ଆଜ୍ଞା ଏଇଠି ଅମରେନ୍ଦ୍ର ବାବୁ ରୁହନ୍ତି ?'

ସେ କହିଲେ, 'ସେ ମୋ ବାପା ଆଜ୍ଞା। ବହୁତ ବୟସ ହେଇ ଗଲାଣି। ସେ ବିଛଣାରେ ଶୋଇଛନ୍ତି। ହଁ ଆପଣ ଚୁନଭାଟିରୁ ଆସିଛନ୍ତି ବୋଧହୁଏ। ବାପା କାଲି ଆପଣଙ୍କୁ ଫୋନ୍ କରିଥିଲେ। ସେ ଆପଣଙ୍କ ଗପରେ ଖୁବ୍ ମୁଗ୍ଧ ହେଇଛନ୍ତି। ସେ ଆପଣଙ୍କୁ ଦେଖା କରିବାକୁ ଚାହାନ୍ତି। ମୁଁ ତାଙ୍କୁ ଡାକି ଦେଉଛି।'



ଲେଖକଙ୍କ ସହ ତାଙ୍କର ପ୍ରିୟ ପାଠକ ଅମରେନ୍ଦ୍ର କର...

ସେ ଘର ଭିତରକୁ ଯାଇ ତାଙ୍କ ବାପାଙ୍କୁ ମୋ ଆସିବା କଥା କହିଲେ। ସେଇ ମୋର ବୟସ୍କ ପାଠକ ଜଣକ ଖୁବ୍ ଉତ୍ସାହରେ ବହୁ କଷ୍ଟ କରି ମୋ ପାଖକୁ ଆସିଲେ। ମୋତେ ଦେଖି ସେ ମୋତେ ଆଲିଙ୍ଗନ କରି କାନ୍ଦ କାନ୍ଦ ହେଇ କହିଲେ, 'ମୁଁ ଆପଣଙ୍କ ସେଇ ଗପଟି ପଢ଼ି ରାତିରେ ଶାନ୍ତିରେ ଶୋଇ ପାରି ନାହିଁ। ମୁଁ ସେଇ ସାନପୁଅର ଜେଜେ ଓ ମା' କଥା ଭାବୁଛି। ଏତେ ଅଳ୍ପ ବୟସରେ ପିଲାଟି ସମାଜକୁ ଛାଡି ଚାଲିଗଲେ ସମାଜ କେତେ କଷ୍ଟ ଭୋଗେ ତାର ଏକ ଜୀବନ୍ତ ଚିତ୍ର ଆପଣ ଏଇ ଗପରେ ଦେଇଛନ୍ତି। ମୁଁ ଭୁଲି ପାରୁନାହିଁ ସେଇ କାହାଣୀର କଥା।'

ପୁଣି ଟିକେ ଦୀର୍ଘଶ୍ୱାସ ପକାଇ କହିଲେ, 'ହଁ ଆଜ୍ଞା ମୋର ବି ସେମିତି ଗୋଟେ ଦୁର୍ଘଟଣା ଘଟିଥିଲା ଜୀବନରେ। ମୋର ପ୍ରିୟ ପୁତୁରା ବାର ବର୍ଷ ବୟସରେ ରକ୍ତ କର୍କଟରେ ପୀଡ଼ିତ ହେଇ ଚାଲି ଯାଇଥିଲା। ମୁଁ ଆପଣଙ୍କ ଗପ ପଢିଲା ବେଳେ ସେଇ ମୋ ପୁତୁରା କଥା ଭାବୁଥିଲି ।'



## ପ୍ରିୟ ପାଠକ

ମୁଁ କହିଲି , 'ଆଜି ମୋତେ ବିଦାୟ ଦିଅନ୍ତୁ। ମୁ ପୁଣି ଆଉ କେତେବେଳେ ମୋ ଗପ ପତ୍ରିକାରେ ପ୍ରକାଶିତ ହେଲେ ଧରି ଆସିବି। ଆପଣ ମୋ ପ୍ରିୟ ପାଠକ ହିସାବରେ ଆଜି ଠୁଁ ମୋର ସବୁ ଗପ ଆପଣ ନିଶ୍ଚୟ ପଢ଼ିବେ।'

ମୋ ବୟସ୍କ ପାଠକ କହିଲେ, 'ନା ଆପଣ ସେମିତି ଯାଇ ପାରିବେ ନାହି। ଆପଣ ଟିକେ ଜଳଖିଆ କରିକି ଯିବେ।'

ଏତିକି କହିଲା ବେଳେ ତାଙ୍କର ମୋ ପ୍ରତି ଆନ୍ତରିକତା ମୁଁ ଅନୁଭବ କରୁଥିଲି।

ସତକଥା ମୁଁ ମୋର ପଇଁତ୍ରିଶ ବର୍ଷ ଗଳ୍ପ ସାଧନା ଭିତରେ କିଛି ପୁରସ୍କାର ପାଇ ନାହିଁ। ହେଲେ ମୋର ଏଇ ପ୍ରିୟ ପାଠକଙ୍କ ଠୁଁ ଯେଉଁ ଲେଖକୀୟ ଶ୍ରଦ୍ଧା, ସମ୍ମାନ ଓ ଆନ୍ତରିକ ଭାବ ପାଇଲି, ତାହା କଣ ମୋର ପୁରସ୍କାର ଠୁଁ କମ୍ କେବେ ହେଇ ପାରିବ କେବେବି !

♥ ଚୁନଭାଟି କଲୋନୀ
ଗୋପାଳ ଗାଁ,ବାଲେଶ୍ୱର
(ମୋ) ୭୭୩୫ ୯୫୧୩ ୮୪

# ସନ୍ତାନ ଓ ସଦାଚାର

## ନୀଳିମା ସାହୁ

ଭାରତୀୟ ଆର୍ଯ୍ୟ ଋଷିଗଣ ହିଁ ପୃଥିବୀରେ ମନୁଷ୍ୟ ସର୍ବଦା କରିବାର ଉପାୟ ଉଦ୍ଭାବନ କରିଥିଲେ। ଉପଯୁକ୍ତ ମନୁଷ୍ୟ କରିବା ତାଙ୍କର ମୂଳଲକ୍ଷ୍ୟ ଥିଲା। ପିତା ମାତା ସନ୍ତାନ ଜନ୍ମପରେ ସେମାନଙ୍କୁ ଲାଳନ ପାଳନ କରିବା ସହିତ ସୁସଂସ୍କୃତ ମଣିଷ କରି ଗଢ଼ି ତୋଳୁଥିଲେ। ସନ୍ତାନର ଶୈଶବ, କୈଶୋର ଓ ଯୌବନ ଅବସ୍ଥାକୁ ସେମାନେ ଦଶବିଧ ସଂସ୍କାର ଦେଇ ଭଲ ମଣିଷ ଗଢୁଥିଲେ। ବର୍ତ୍ତମାନ ଆଯବିକୃଷ୍ଟର ବିଧାନ ଲୁପ୍ତ ହୋଇଯାଇଛି। ଉନ୍ନତ ଆତ୍ମାର ଆଗମନ ସମ୍ଭବ ନୁହେଁ, ପହରା ବିଶେଷ କାରଣ ହେଲା ପରିବାରର ସଂସ୍କାର, ସଂସ୍କୃତି, ଆଚାର, ଶିକ୍ଷା ଅବୈଧ ଯୌନାଚାର ଫଳରେ ଜୀବନ ବିପର୍ଯ୍ୟୟ ହୋଇ ଚାଲିଛି।

ଏହି ମହାମାନ୍ୟ ମାନବ ଜୀବନକୁ ଦେଶ ଜାତି ପାଇଁ ଉତ୍ସର୍ଗ କରିବାକୁ ହେଲେ ଘରେ ଘରେ ପ୍ରକୃତ ମଣିଷ ତିଆରି କରିବାକୁ ହେବ। ସତ୍, ସୁସ୍ଥ ଓ ଉନ୍ନତ ଜୀବନର ଭିତ୍ତି ପ୍ରସ୍ତର କୈଶୋର ଅବସ୍ଥାରୁ ଶିକ୍ଷା ମାଧ୍ୟମରେ ସ୍ୱର୍ଣ୍ଣିମ ଜୀବନର ପ୍ରସ୍ତୁତି ଆବଶ୍ୟକ। ଘରର ପରିବେଶକୁ ସୁ ବୈଶିଷ୍ଟ୍ୟ ସମ୍ପର୍ଣ୍ଣ ସୁନିୟନ୍ତ୍ରିତ ସଂସ୍କାର ବ୍ୟବସ୍ଥା କରିବାକୁ ହେବ। ଉପଯୁକ୍ତ ପରିବେଶରେ ଶିକ୍ଷା ଦିକ୍ଷା ମାଧ୍ୟମ ଦେଇ ଭଲ ମଣିଷ ଗଢ଼ାଯାଏ।

**ପୁତ୍ର, କନ୍ୟା ମାନଙ୍କୁ ଶୈଶବ ଓ କୈଶୋର ବୟସରୁ ଶ୍ରଦ୍ଧାଶୀଳ ଓ ସେବାପ୍ରାଣ କରି ଗଢ଼ିବାକୁ ହେବ। ଶ୍ରଦ୍ଧା ଓ ସେବା ମଣିଷର ଅସଲ ସମ୍ପଦ। ଯାହା ମାଧ୍ୟମରେ ପିଲାମାନଙ୍କର ଶିକ୍ଷା ଓ ଚରିତ୍ର ଗଢ଼ି ଉଠିବ। ସନ୍ତାନର ପ୍ରଥମ ଶିକ୍ଷାଳୟ ଗୃହ ଓ ତା ପରେ ବିଦ୍ୟାଳୟ।**

ପୁତ୍ର, କନ୍ୟା ମାନଙ୍କୁ ଶୈଶବ ଓ କୈଶୋର ବୟସରୁ ଶ୍ରଦ୍ଧାଶୀଳ ଓ ସେବାପ୍ରାଣ କରି ଗଢ଼ିବାକୁ ହେବ। ଶ୍ରଦ୍ଧା ଓ ସେବା ମଣିଷର ଅସଲ ସମ୍ପଦ। ଯାହା ମାଧ୍ୟମରେ ପିଲାମାନଙ୍କର ଶିକ୍ଷା ଓ ଚରିତ୍ର ଗଢ଼ି ଉଠିବ। ସନ୍ତାନର ପ୍ରଥମ ଶିକ୍ଷାଳୟ ଗୃହ ଓ ତା ପରେ ବିଦ୍ୟାଳୟ। ସ୍ନେହ-ମମତା, ସେବା-ସହାନୁଭୂତି, ଆଦର-ଆପ୍ୟାୟିନ ଓ ଆତିଥ୍ୟତାରେ ପାରସ୍ପରିକ ପ୍ରୀତି କେନ୍ଦ୍ରରୂପେ ଗଢ଼ି ତୋଳିବାକୁ ହେବ ପିଲାମାନଙ୍କୁ। ପିଲାମାନଙ୍କର ସ୍ୱଭାବ ଶିଷ୍ଟ ଓ ସୁନ୍ଦର ହୋଇଥାଏ ପାରିବାରିକ ସଂସ୍କୃତିରୁ। ଶିଶୁକୁ ମଣିଷ କରି ଗଢ଼ି ତୋଳିବାର ଦାୟିତ୍ୱ ପିତାମାତାଙ୍କର। ସତ୍ ଶିକ୍ଷା କୈଶୋର ବୟସରୁ ହିଁ ସନ୍ତାନ ମାନଙ୍କର ଚରିତ୍ର ଗଠନ କରେ। ନିୟନ୍ତ୍ରିତ ଜୀବନଯାପନ, ଆଦେଶ ପାଳନ କରିବା, ଶ୍ରଦ୍ଧାଶୀଳ ହେବା, ପରିଜନ ସେବାରେ ଆଗ୍ରହୀ ହେବା, ଭକ୍ତି କରିବା ଆଦି ସଦଗୁଣ ଗୁଡ଼ିକୁ କୈଶୋର ବୟସରୁ ହିଁ ଅଭ୍ୟାସ କରିବାକୁ ହୁଏ। ଗୁରୁଭକ୍ତି, ଈଶ୍ୱରଭକ୍ତି ଆଦି ଶିକ୍ଷା ମାଧ୍ୟମରେ ସୁବିନ୍ୟସ୍ତ ହୁଏ। ଜୀବନର ନିତ୍ୟ ଆଚରଣୀୟ ବିଷୟ ଶିଖାଇ ସନ୍ତାନ ମାନଙ୍କୁ ଅଭ୍ୟସ୍ତ କରିପାରିଲେ ଉପଯୁକ୍ତ ମଣିଷ ହୋଇପାରିବେ।

ସନ୍ତାନ ମାନଙ୍କୁ ନିତ୍ୟ ନିୟମିତ ଦୈନନ୍ଦିନ ଚଳିବାର ନୀତିବିଧି, ଜପ, ଧ୍ୟାନ, ପ୍ରାର୍ଥନା, ଯୋଗ ଶରୀରଚର୍ଯ୍ୟା, ଶିଖାଇ ଅଭ୍ୟାସ କରାଇବାକୁ ହେବ। ବର୍ତ୍ତମାନ ସଭ୍ୟତା ମାନବକୁ କୁଶିକ୍ଷା ଦେଉଛି। ଅପରର ସମ୍ପତ୍ତି ଆତ୍ମସାତ କରି ନିଜର ଇନ୍ଦ୍ରିୟ ସାଧନ କରୁଛି। ଅଜ୍ଞାତରେ ମନୁଷ୍ୟ ପ୍ରକୃତିର ନିୟମକୁ ଉଲ୍ଲଙ୍ଘନ କରି ଚାଲିଛି। ଫଳରେ ଅଶାନ୍ତି, ଗ୍ଲାନି, ଦୁଃଖ, ଦୁର୍ଦ୍ଦଶା ବଢ଼ି ଯାଉଛି। ଏଥିରୁ ନିବୃତ୍ତି ପାଇବାକୁ ହେଲେ ଧର୍ମଶାସ୍ତ୍ର ଅଧ୍ୟୟନ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। କୈଶୋର ବୟସରୁ ପିଲାମାନଙ୍କୁ ସଂଯମ ଓ ଶୃଙ୍ଖଳା ଶିକ୍ଷା ଦେବାର ଗୁରୁତ୍ୱ ଉପରେ ପରିବାର, ଗୁରୁ ଓ ଶାସକ ଅଧିକ ଧ୍ୟାନ ଦେବା ଉଚିତ। ଶାସନରେ ମଧ ଶୃଙ୍ଖଳାର ଆବଶ୍ୟକତା, ସ୍ୱେଚ୍ଛାକୃତ ଭାବରେ ମଧ ସଂଯମ ଓ ଶୃଙ୍ଖଳା ଆଚରଣ ଶ୍ରେୟସ୍କର।

ଅନୁଷ୍ଠାନରେ ସହଶିକ୍ଷା ସହିତ ବର୍ଣ୍ଣାଶ୍ରମ ଧର୍ମର ଶିକ୍ଷା ରକ୍ଷା କିପରି କରାଯାଇ ପାରିବ ସେ ସମ୍ବନ୍ଧରେ ଉଚିତ ଶିକ୍ଷା ପ୍ରଦାନ କରାଯିବା ଉଚିତ। ମନ ଓ ଇନ୍ଦ୍ରିୟ ମାନଙ୍କୁ କିପରି ବଶ କରାଯାଇ ପାରିବ ତାହା ଶିକ୍ଷାନୁଷ୍ଠାନରେ ପାଠ୍ୟ ସରଣୀରେ ଯୁକ୍ତ ହେବା ଏକାନ୍ତ ଜରୁରୀ। ଭଗବତ ଚେତନଶୀଳ ହେଲେ ପିଲାମାନେ ଉପଯୁକ୍ତ ଶିକ୍ଷିତ ହେଲେ ବୋଲି ବିଚାର କରାଯାଇ ପାରିବ। ଜୀବନର ପରିପୂର୍ଣ୍ଣତା ଲାଭର ମାର୍ଗ ଦେଖାଇବାକୁ ହେଲେ ସମସ୍ତ ସ୍କୁଲ, କଲେଜ ଓ ବିଶ୍ୱ ବିଦ୍ୟାଳୟ ତଥା ଗୃହରେ ଶିଶୁ, କିଶୋର ଯୁବକ ମାନଙ୍କୁ ହରିକଥା ଶ୍ରବଣ ତ ଭବତ୍ ଗୀତା ଶିକ୍ଷା ଦିଆଯିବା ଉଚିତ। 'କୌମାର ଅଚରେତ୍ ପ୍ରାଜ୍ଞୋଧର୍ମନ୍ ଭାଗତାନ ଇହ, ଦୁର୍ଲଭଂ ମାନୁଷ୍ୟଂ ଜନ୍ମ ତଦଅପି ଅଧ୍ରୁକିମ ଅର୍ଥଦମ୍'।

ମୋ : ୯୬୫୮୫୫୬୭୦୬

ଛୋଟ ଗପ

# ଓଢ଼ଣୀ

## ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)





ଥକ୍କା ମେଣ୍ଟେଇବ ବୋଲି ବସିଥିଲା ଜ୍ୟୋତି।

କୁମାରପୂର୍ଣ୍ଣମୀର ରାତି....

ସୁବର୍ଣ୍ଣଥାଳିରେ ଥାଳିଏ ଅବିର ଛିଞ୍ଚା କର୍ପୂର ପରି ଢ଼ଳଢ଼ଳ ଜହ୍ନର କିରଣ ଘରର ଅଗଣା ଚାରିଆଡ଼େ ବୁଣି ହେଇଯାଉଥିଲା। ବର୍ଷର ସବୁଠାରୁ ଉଜ୍ଜ୍ୱଳତମ ପୂର୍ଣ୍ଣଚନ୍ଦ୍ର। ଖାଲି ସେତିକି ନୁହେଁ, ଆକାଶରେ ଜହ୍ନକୁ ଘେରି ବଡ଼ସୁନ୍ଦର ଗୋଲାପୀ ରଙ୍ଗର ବଳୟଟିଏ ବି ସୃଷ୍ଟି ହୋଇଥିଲା। ସତେ ଯେମିତି ଭଲ ଦି'ମୁଠା ଗୋଲାପୀ ଅବିର କିଏ ବିଞ୍ଛି ଦେଇଥିଲା ସେଇ ଚାରିପଟେ। ବଡ଼ ମନୋରମ ଆଉ ମନ୍ତ୍ରମୁଗ୍ଧକର ଥିଲା ଏ ଦୃଶ୍ୟ।

ହେଲେ ଏସବୁ ଭିତରେ ବି ଜ୍ୟୋତି ଥାଇ ନଥିଲାଭଳି.... ମନ ତା'ର ଫେରିଯାଇଥିଲା ଅନେକବର୍ଷ ତଳର କୁମାରପୂର୍ଣ୍ଣିମା ବେଳକୁ। କ'ଣ ବା ସେ କରିଥିଲା... ସାମାନ୍ୟ ଟିକେ କଥା ପାଇଁ ମୋହନ୍ ଯେ ଏମିତି ତାକୁ କହିବେ, ସେ ଭାବି ନଥିଲା। ବାହାଘର ବେଳେ ସେ ଦେଖିବାକୁ ଯାଇ ନଥିଲେ, ଏଥିରେ ତା'ର ଦୋଷ କ'ଣ ? ମୋହନଙ୍କର ବାପା, ମା', କକା, ଖୁଡ଼ୀ ସମସ୍ତେ ଆସିଥିଲେ। ସମସ୍ତଙ୍କ ପସନ୍ଦରେ ସେ ଏ ଘରକୁ ବୋହୂ ହୋଇ ଆସିଲେ। ହେଲେ ପ୍ରଥମରାତିର ପ୍ରଥମ ମିଳନର ନିବିଡ଼ ମୁହୂର୍ତ୍ତରେ ସେ ଯେତେବେଳେ କହିଲେ, "ଆଫ୍ରିକାନ୍ ବ୍ଲାକ୍ କଲର ତମର ? ଏ ଜହ୍ନ ରାତିରେ ତମ କଳାରଙ୍ଗ ଆହୁରି ଚମକୁଛି। ଘରଲୋକ କହିଲେ କ'ଣ ନା ଶ୍ୟାମଳୀ ସୁକୁମାରୀ..। ଛିଃ... କଳାରଙ୍ଗ ମୁଁ ଜମା ପସନ୍ଦ କରେନି। ମୋ ସାମ୍ନାକୁ ଆସିବନି ଜମା। ସ୍ଥାଣୁ ହୋଇ ଯାଇଥିଲା ଜ୍ୟୋତି। ମୋହନ ସେପଟକୁ ମୁହଁ ବୁଲେଇ ଶୋଇପଡ଼ିଥିଲେ।

ନିଜେ ନିଜକୁ ପ୍ରଶ୍ନ କରୁଥିଲା ଜ୍ୟୋତି। ତା'ର ଦୋଷ କ'ଣ ? ସେ ସୁନ୍ଦରୀ ବୋଲି ସମସ୍ତେ କହନ୍ତି। ବଡ଼ବଡ଼ ପୋଟଳଚିରା ଆଖି, ଲମ୍ବାନାକ, ସରୁ ଗୋଲାପି ଓଠକୁ ଡାଳିମ୍ବମଞ୍ଜି ପରି ଧଳାଦାନ୍ତ ମାଡ଼ିକ ବି ତାକୁ ଅପରୂପା କରିଥିଲା। ରଙ୍ଗ ଟିକିଏ କମ୍ ଥିଲେ ବି ଶ୍ୟାମଳୀ ସୌନ୍ଦର୍ଯ୍ୟ ନାମରେ କଲେଜ୍‌ରେ ସମସ୍ତେ ତାକୁ ଡାକୁଥିଲେ। କ'ଣ କହୁଥିଲେ ତ.. ପୋଏଟିକ୍ ଲୁକ୍ ତା' ଚେହେରାରୁ ଆସେ। ତା'ର କ୍ଲାସ୍‌ମେଟ୍ ମଞ୍ଜୁ ତ ରହିପାରିଲାନି, ଶେଷରେ କହିଦେଲା, "ବୁଝିଲୁ ଜ୍ୟୋତି ତୋ'ର ଏ ଭଞ୍ଜୀୟ କାବ୍ୟନାୟିକା ଚେହେରା ପଛରେ ତ ସମସ୍ତେ ପଡ଼ିଲେ, ଆମକୁ ଆଡ଼ଆଖିରେ ବି କେହି ଅନଉ ନାହାଁନ୍ତି। ସେ ଚାଲିଗଲା ମାନେ ପଛରୁ ବୟେଜ୍ କମନରୁମ୍ ଆଡୁ କିଏ ସବୁ ଗାଉଥିଲେ, "ରେଖା ଓ ରେଖା... ଯବ୍‌ସେ ତୁମେ ଦେଖା... ଖାନା ପିନା ଶୋନା ସବୁ ଭୁଲଗୟା। ସେଇଥିପାଇଁ ତା' ଘରଲୋକ ଏଇ ପ୍ରଥମ ପ୍ରସ୍ତାବରେ ରାଜି ହୋଇଗଲେ। ଆଉ ସେ ନିଜଲୋକର ଆଖିରେ ହିଁ ଅସୁନ୍ଦରୀ, କାଳି କନିଆଁ ହେଇ ରହିଗଲେ।

ନିଜକୁ ଦୃଢ଼କଲେ ଜ୍ୟୋତି। ବାସର ରାତିରେ ପାହାନ୍ତିପହରରୁ ସେଇ ଯେ ଓଢ଼ଣା ଟାଣିଲେ, ଆଉ କେବେ କେହି ତାଙ୍କ ମୁହଁ ଦେଖି ନାହାଁନ୍ତି। ଶାଶୂଘରେ ସମସ୍ତେ ବାଃ ବାଃରେ ଶତମୁଖ ଥିଲେ। ସହରୀ କଲେଜ୍‌ପଢୁଆ ଝିଅ ବି ଯେ ନିପଟ ଗାଁର ଚାଲିଚଳନୀକୁ ଏତେ ସୁନ୍ଦର ଭାବରେ ଚଳେଇନବ, ସେଇ କଥାକୁ ସମସ୍ତଙ୍କୁ କହୁଥିଲେ। ସତକଥା କେବଳ ମୋହନ ଜାଣିଥିଲେ ବୋଧେ। କେବେ ବି ସେ ତାଙ୍କ ସାମ୍ନାକୁ ବିନା ଘୁଙ୍ଗଟ୍‌ରେ ଯାଆନ୍ତି ନାହିଁ। ବହୁତ କମ୍ ତ ସେ ତାଙ୍କ ସାମ୍ନାକୁ ଯାଉଥିଲେ। ତାଙ୍କ ସହ ଚକିରି ଜାଗାକୁ ଯିବାକୁ ଡାକିଥିଲେ ମୋହନ। ହେଲେ ସେ ମନା କରିଥିଲେ, କହିଥିଲେ, "କେତେବାଟ କି ବାଲେଶ୍ୱରୁ ଭୁବନେଶ୍ୱର..। ଲୋକ ତ ସବୁଦିନ ଯିବାଆସିବା କରୁଛନ୍ତି। ବରଂ ଘରେ ରହିଲେ ମା', ବାପା, ଘର, ଚାଷବାସ ସବୁ ଦେଖିହେବ। ଏଥର ମୋହନ ତାଙ୍କ ଅଭିମାନକୁ ଠିକ୍ ବୁଝିପାରିଥିଲେ। ଆସ୍ତେ ଆସ୍ତେ ସବୁ ଦେହସୁହା ହେଇଯାଇଥିଲା। ତା' ପୁଅ ଏବେ କଲେଜ୍‌ରେ ପଢ଼ିଲାଣି। ସୁବିଧା ଅସୁବିଧା ସବୁ ଫୋନ୍‌ରେ ମୋହନକୁ ଜଣାଉଥିଲେ। ଅନେକ ସମୟରେ ସେ ଆସୁଥିଲେ, ନହେଲେ ସେଇ ଫୋନ୍‌ରେ ବି କ'ଣ କରିବାକୁ ହେବ କହି ଦେଉଥିଲେ। ହେଲେ... ଏଥର ଘରକୁ ଆସିଥିଲା ବେଳେ ସେ ତା' ହାତରେ ଗୋଟେ ଆଣ୍ଡ୍ରୋଏଡ୍ ଫୋନ୍ ଧରେଇ ଦେଇ ଯାଉଥିଲେ।

ଏ ଫୋନ୍ ପାଇଁ ଯେ ସେ ଏତେ ହଇରାଣରେ ପଡ଼ିବେ, ଏକଥା ଭାବି ନଥିଲେ ଜ୍ୟୋତି। ପ୍ରତିଦିନ ଏଣିକି ମୋହନ୍ ଭିଡ଼ିଓ କଲ୍ କରିବା ଆରମ୍ଭ କରିଛନ୍ତି। ନିଜ ରୁମ୍ ଭିତରେ ଆରାମରେ ସେ ଟିକେ ଓଢ଼ଣା ଖୋଲି ଶାନ୍ତିରେ ନିଃଶ୍ୱାସ ନେଇଥିବେ କି ନାହିଁ, ଆସିବ ଭିଡ଼ିଓକଲ୍। ପୁଣି ମୁହଁକୁ ଓଢ଼ଣାରେ କଭର୍ କରି କଥା ହଉହଉ ଅନେକ ସମୟ ଯାଉଛି। ଅନେକଥର ଏବେ ମୋହନ୍ କହୁଛନ୍ତି, କାହିଁକି ଏତେ ଓଢ଼ଣା ? କ'ଣ ସେଦିନର କଥାକୁ ଭୁଲିଯାଇନ ଏପର୍ଯ୍ୟନ୍ତ ? ସିଏ କିଛି କୁହନ୍ତିନି। କାହାପାଇଁ କେମିତି ଥିବ ପ୍ରିୟପୁରୁଷଙ୍କର ପ୍ରଥମ ସମ୍ଭାଷଣ କିଏ ଜାଣେ ? ହେଲେ ତାଙ୍କ ପାଇଁ ତ ସୁଖଦ ନଥିଲା। ସବୁବେଳେ ସେକଥା ମନେ ପଡ଼ିଲେ, 'ଛିଃ' ହିଁ ଲହରେଇ ଲହରେଇ ଶୁଭିଯାଏ। ଭୁଲିଆସୁଥିବା ଅଭିମାନ ପୁଣି କୁହୁଳି ଉଠେ।

ଆରେ ... ଏ କ'ଣ.. ହଠାତ୍ ଓଢ଼ଣୀଟା କିଏ ଏମିତି ଟାଣି ଖସେଇ ଦେଲା ଯେ... ? ସେ ପଛକୁ ବୁଲିପଡ଼ିଲାବେଳକୁ ମୋହନ ଠିଆ ହୋଇଥିଲେ, ତାଙ୍କ ପାଖରେ। ମୋର ସେଇକଥାକୁ ଏମିତି ମନରେ ଗଣ୍ଠି ପକେଇ ଧରିଛ ନା ? ଭୁଲିଯାଅ ପ୍ଲିଜ୍ କହି ମୋହନ ତା' ମୁହଁକୁ ନିଜ ପାପୁଲିରେ ତୋଳି ଧରିଲେ। କେବେ କ'ଣ କହିଥିଲି, ତାକୁ ମନରେ ରଖିବନି। ତମେ ମୋର ଅର୍ଦ୍ଧାଙ୍ଗିନୀ। ସୁଖରେ ଦୁଃଖରେ ତମେ ମୋ ସହ ଛାଇଭଳି ଅଛ। ସତରେ ତମେ ଖୁବ୍ ସୁନ୍ଦର, ଆହୁରି ସୁନ୍ଦର ତମ ମନ.... ତା' ଠୁ ବି ସୁନ୍ଦର ତମ ଅଭିମାନ...। ବୁଝିଲ ତମେ ହେଲ-

"ମୋର ଫୁଲ ଫାଇଲିନି
ଅଭିମାନିନୀ ଅନୁରାଗିଣୀ।"

ଜ୍ୟୋତିର ଆଖି ଲୁହରେ ମୋହନଙ୍କର ଛାତି ଭିଜୁଥିଲା।

♥ ଫକୀରମୋହନ ନଗର,
ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ଅକ୍ଟୋବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଚେତନାର ଦର୍ପଣ - ୪୩

# ନିରନ୍ତର ପ୍ରଚେଷ୍ଟା



❤ ଲଳିତ ମୋହନ ମିଶ୍ର

ଜୀବନରେ ସେହି ବ୍ୟକ୍ତିମାନେ ହିଁ ଅସଫଳ ହୁଅନ୍ତି ଯେଉଁମାନେ କେବଳ ଚିନ୍ତା କରନ୍ତି କିନ୍ତୁ କର୍ମ କରନ୍ତି ନାହିଁ । ଭଗବାନଙ୍କ ଭରସାରେ ବସନ୍ତୁ ନାହିଁ, କିଏ ଜାଣେ ଭଗବାନ ଆପଣଙ୍କ ଭରସାରେ ବସିଥିବେ । ସଫଳତାର ଆଧାର ହେଉଛି ସକାରାତ୍ମକ ଚିନ୍ତାଧାରା ଏବଂ ନିରନ୍ତର ପ୍ରଚେଷ୍ଟା । ଅତୀତର ଦାସ ନ ହୋଇ ଭବିଷ୍ୟତର ନିର୍ମାତା ହୁଅନ୍ତୁ । ପରିଶ୍ରମ ଏତେ ନିରବତାର ସହ କରନ୍ତୁ, ଯାହା ଆପଣଙ୍କୁ ସଫଳତା ଆଣିଦେବ । ସଫଳ ହେବାକୁ ହେଲେ ଏକା ଏକା ଆଗେଇବାକୁ ପଡ଼େ । ଭାଗ୍ୟରେଖା ଉପରେ ବିଶ୍ୱାସ କରିବା ଛାଡ଼ିଦିଅ, ଯେତେବେଳେ ଲୋକ ବଦଳି ଯାଆନ୍ତି ସେତେବେଳେ ଭାଗ୍ୟ ବଦଳିଯାଏ । ଯେଉଁଠି ହାରିଯିବାର ସମ୍ଭାବନା ଥାଏ, ସେଇଠି ଜିତିବାର କୌଣସି ଅର୍ଥ ନାହିଁ । ସମସ୍ୟା ନୁହେଁ ସମାଧାନର ଅଂଶ ହୁଅନ୍ତୁ । ଯେଉଁମାନଙ୍କୁ ସ୍ୱପ୍ନ ଦେଖିବାକୁ ଭଲଲାଗେ, ସେମାନଙ୍କୁ ରାତି ଛୋଟ ଲାଗେ । ଆଉ ଯେଉଁମାନଙ୍କୁ ସ୍ୱପ୍ନ ସାକାର କରିବାକୁ ଭଲଲାଗେ, ସେମାନଙ୍କୁ ଦିନ ଛୋଟ ଲାଗେ । ଆପଣ ନିଜ ଭବିଷ୍ୟତ ବଦଳାଇ ପାରିବେ ନାହିଁ, କିନ୍ତୁ ଆପଣ ନିଜ ଅଭ୍ୟାସ ବଦଳାଇ ପାରିବେ । ଆମେରିକାର ବିଶ୍ୱପ୍ରସିଦ୍ଧ ଶିଳ୍ପପତି କାର୍ନେଗିଙ୍କ ପାଖକୁ ଜଣେ ଜାପାନୀ ଇଂଜିନିୟରଙ୍କ ଆସିଥିଲେ । କାର୍ନେଗିଙ୍କର କମ୍ପାନୀ ବୁଲି ଦେଖିବା ପରେ, ସେ ବହୁତ ପ୍ରଭାବିତ ହୋଇଥିଲେ । ରାତ୍ରି ଭୋଜନ ସମୟରେ ସେ କାର୍ନେଗିଙ୍କୁ ପଚାରିଲେ, ଆପଣ ଏତେ ବଡ଼ ଶିଳ୍ପ ସାମ୍ରାଜ୍ୟର ଅଧିପତି । ଏହି ସଫଳତାର ରହସ୍ୟ କ'ଣ ? ସେ କହିଥିଲେ - ଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନେବା । ଦ୍ୱିତୀୟ ପ୍ରଶ୍ନ ପଚାରିଥିଲେ - ଆପଣ ସଠିକ୍ ନିଷ୍ପତ୍ତି କିପରି ନେଇ ପାରୁଛନ୍ତି ? ସେ କହିଥିଲେ - ଅଭିଜ୍ଞତା ଓ ଅନୁଭବର ଆଧାରରେ । ଇଞ୍ଜିନିୟରି ତୃତୀୟ ପ୍ରଶ୍ନ ପଚାରିଥିଲେ - ଆପଣ ଅଭିଜ୍ଞତା କେଉଁଠୁ ପ୍ରାପ୍ତ କଲେ ? ଶ୍ରୀ କାର୍ନେଗି ଇଞ୍ଜିନିୟରଙ୍କ କାନ୍ଧରେ ହାତ ରଖି କହିଲେ - ମହାଶୟ , ଭୁଲ ନିଷ୍ପତ୍ତିର ଦୁଃଷ୍ପରିଣାମ ଅଭିଜ୍ଞତା ଆଣି ଦେଇଥାଏ । ସେହି ଭୁଲ ନିଷ୍ପତ୍ତି.... ପୁନରାବୃତ୍ତି ହେବାକୁ ଆଉ ସୁଯୋଗ ଦିଏ ନାହିଁ । ଏହି ସଂକଳ୍ପ ଅଭିଜ୍ଞତା ଆଗକୁ ବଢ଼ାଇଥାଏ । ଅଭିଜ୍ଞତା, କଠିନ ପରିଶ୍ରମ, ନିରନ୍ତର ପ୍ରଚେଷ୍ଟା....ସଫଳତାର ଶୀର୍ଷରେ ପହଞ୍ଚାଇବାର ବାଟ ପ୍ରଶସ୍ତ କରିଥାଏ । ଜାପାନର ଇଞ୍ଜିନିୟର କିଛି ଶବ୍ଦରେ ସବୁକଥା ବୁଝିପାରିଥିଲେ, ବିଶ୍ୱର ଶୀର୍ଷ ଶିଳ୍ପପତିଙ୍କ ସଫଳତାର ରହସ୍ୟ ଓ ନିରନ୍ତର ପ୍ରଚେଷ୍ଟାର କାହାଣୀ...

❤ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୩)
ଦାୟିତ୍ୱ

ଇତିହାସ ବିଭାଗର ପ୍ର.ସୁରେଶ ଚନ୍ଦ୍ର ପାତ୍ର ଥିଲେ ଅଧ୍ୟକ୍ଷ। ତାଙ୍କ ବ୍ୟତୀତ ଆହୁରି ୧୦ଜଣ ଅଧ୍ୟାପକ ଥିଲେ । ସମସ୍ତେ ଯୁବକ, ନୂତନ ଭାବରେ ଯୋଗ ଦେଇଥିଲେବି ଥିଲେ ଦକ୍ଷ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ । ଜାମଶୂଳୀ ହାଇସ୍କୁଲର ଅଭିଜ୍ଞ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶଚୀନ୍ଦ୍ର ନାଥ ଦଲାଇ ଓ ଜାମଶୂଳୀ ଗ୍ରାମର ଶ୍ରୀଯୁକ୍ତ ସନାତନ ନାୟକ ଥିଲେ ପରିଚାଳନା ସମିତିର ଯଥାକ୍ରମେ ସଭାପତି ଓ ସମ୍ପାଦକ । କାମରେ ଯୋଗଦେଲି । ରହିଲି ଜାମଶୂଳୀ ହାଇସ୍କୁଲର ଏକ କୋଠରୀରେ । ତେଣୁ, ପ୍ରତିଦିନ ଯିବା ଆସିବା କରିବା ପାଇଁ କଷ୍ଟକରିବାକୁ ପଡିଲାନି ।

ଦାୟିତ୍ୱକୁ ମୁଁ କେବେ ଏଡାଇ ଯାଇନି ବା କୋଣସି କାମକୁ ପାରିବିନି ବୋଲି କହିନି। ମୋର ସେ ମାନସିକତା ଆଜି ଯାଏ ଅପରିବର୍ତ୍ତିତ ରହିଛି ।

୧୯୮୩ ମସିହାରେ +୨ସପ୍ଲିମେଣ୍ଟାରୀ ପରୀକ୍ଷାରେ ମୋତେ ଜାମଶୂଳୀ କଲେଜରେ ପରୀକ୍ଷା ତତ୍ତ୍ୱାବଧାରକ ଭାବରେ ନିଯୁକ୍ତି ମିଳିଲା। ୧୯୭୬ମସିହାରେ ସେ କଲେଜ ପ୍ରତିଷ୍ଠିତ ହୋଇଥାଏ। ଏଇ ୦୭ବର୍ଷ ଭିତରେ ନାନା ଘାତ ପ୍ରତିଘାତ ସହ୍ୟକରି କଲେଜ ଆଗେଇ ଚାଲିଛି। ତେଣୁ , ଅଭାବ ଓ ସମସ୍ୟା ଅନେକ । ଯାହେଉ, ନିର୍ଦ୍ଧାରିତ ଦିନ ଓ ସମୟରେ କାର୍ଯ୍ୟରେ ଯୋଗଦେଲି ।

ଇତିହାସ ବିଭାଗର ପ୍ର.ସୁରେଶ ଚନ୍ଦ୍ର ପାତ୍ର ଥିଲେ ଅଧ୍ୟକ୍ଷ। ତାଙ୍କ ବ୍ୟତୀତ ଆହୁରି ୧୦ଜଣ ଅଧ୍ୟାପକ ଥିଲେ । ସମସ୍ତେ ଯୁବକ, ନୂତନ ଭାବରେ ଯୋଗ ଦେଇଥିଲେବି ଥିଲେ ଦକ୍ଷ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ । ଜାମଶୂଳୀ ହାଇସ୍କୁଲର ଅଭିଜ୍ଞ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶଚୀନ୍ଦ୍ର ନାଥ ଦଲାଇ ଓ ଜାମଶୂଳୀ ଗ୍ରାମର ଶ୍ରୀଯୁକ୍ତ ସନାତନ ନାୟକ ଥିଲେ ପରିଚାଳନା ସମିତିର ଯଥାକ୍ରମେ ସଭାପତି ଓ ସମ୍ପାଦକ ।

କାମରେ ଯୋଗଦେଲି । ରହିଲି ଜାମଶୂଳୀ ହାଇସ୍କୁଲର ଏକ କୋଠରୀରେ । ତେଣୁ, ପ୍ରତିଦିନ ଯିବା ଆସିବା କରିବା ପାଇଁ କଷ୍ଟକରିବାକୁ ପଡିଲାନି । ସୁରୁଖୁରୁରେ ପରୀକ୍ଷା ଶେଷ ହେଲା । ପରୀକ୍ଷା ପରିଚାଳନାରେ ସମସ୍ତ ଅଧ୍ୟାପକ, ଶିକ୍ଷାକର୍ମୀ ଓ ପରିଚାଳନା ସମିତିର ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇ ଫେରିଲି।

ଏଠାରେ ରହଣି ସମୟରେ ପରୀକ୍ଷା ନଥିବାଦିନ ଅନ୍ୟମାନଙ୍କ ସହିତ ବହୁ କିମ୍ବଦନ୍ତୀ ବିଜଡିତ ଶ୍ରୀଶ୍ରୀ ଲଙ୍ଗଳେଶ୍ୱର ମହାଦେବଙ୍କୁ ଦର୍ଶନ କରିବାକୁ ଯାଇଥିଲି । ତାଙ୍କର ମହିମା ଅନେକ । ଭକ୍ତଙ୍କର ମନୋବାଞ୍ଛା ଶୀଘ୍ର ପୂରଣ କରୁଥିବାରୁ ଯଥାର୍ଥରେ ତାଙ୍କୁ ଆଶୁତୋଷ ବୋଲି ସମସ୍ତେ କହିଥାନ୍ତି ।

ସେତେବେଳେ ମୁଁ ଦୀନକୃଷ୍ଣ ମହାବିଦ୍ୟାଳୟରେ ଥାଏ । ପିପିଲି କଲେଜ, ଜଗାଇର +୨ ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ ହୋଇଥିଲି । ନିର୍ଦ୍ଦିଷ୍ଟ ତାରିଖରେ ଓଡିଶା ବନ୍ଦ ହେଉଥିବାରୁ ତହିଁ ପୁର୍ବଦିନ ଯାଇ କଲେଜରେ ରହିଲି ଓ ତହିଁ ପରଦିନ ପରୀକ୍ଷାରେ ପର୍ଯ୍ୟବେକ୍ଷକ କାର୍ଯ୍ୟ ତୁଲାଇଲି । ତହିଁ ପରଦିନ ସମୁଦ୍ରରେ ବାରୁଣୀ ସ୍ନାନ ସାରି ଓ ସମୁଦ୍ରକୂଳ ମେଳାରେ ବୁଲାବୁଲି କରି ଫେରିଲି ।

ଏତଦ୍ ବ୍ୟତୀତ, ଦୀନକୃଷ୍ଣ ମହାବିଦ୍ୟାଳୟ, ଜଳେଶ୍ୱର ଓ ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ନଳଗଜା, ମୟୂରଭଞ୍ଜରେ ଅଧ୍ୟାପନା କରୁଥିବା ସମୟ ଭିତରେ ଅନେକଥର ବିଭିନ୍ନ ପରୀକ୍ଷାରେ ଅନେକ ମହାବିଦ୍ୟାଳୟକୁ ପର୍ଯ୍ୟବେକ୍ଷକ ଭାବରେ ଯାଇ ନିଜର ଦାୟିତ୍ୱ ନିର୍ବାହ କରିଛି ।

ଦୀନକୃଷ୍ଣ ମହାବିଦ୍ୟାଳୟ, ଜଳେଶ୍ୱର ଓ ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ନଳଗଜାରେ ବିଭିନ୍ନ ପରୀକ୍ଷାରେ ସହକାରୀ ପରୀକ୍ଷା ତତ୍ତ୍ୱାବଧାରକ ଭାବରେ ଦାୟିତ୍ୱ ବହନ କରିଛି।

ଦୀନକୃଷ୍ଣ ମହାବିଦ୍ୟାଳୟର ଛାତ୍ରାବାସରେ ଦୁଇଥର ତତ୍ତ୍ୱାବଧାରକ ନିଯୁକ୍ତ ହୋଇଥିଲି ।

ଛାତ୍ରମାନଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ସହିତ ସେମାନଙ୍କୁ ପଠନ ମନସ୍କ କରାଇବାରେ ବହୁତ ପରିଶ୍ରମ କରିଛି । ପ୍ରତ୍ୟେହ ଦୁଇଓଳି ପ୍ରାର୍ଥନା କରିବା ସେମାନଙ୍କ ଅଭ୍ୟାସରେ ପରିଣତ ହୋଇଥିଲା

ଥରେ ଏକ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିଲା। ଦିନେ, ବହୁ ଅପରାଧରେ ଜଡିତ ଜଳେଶ୍ୱରର ଜଣେ ଯୁବକ କାହାସହିତ ମାରପିଟକରି ଓ ତାକୁ ଏକ ଛୁରୀରେ ଆଘାତକରି ରକ୍ତାକ୍ତହୋଇ ଓ ଛୁରୀଧରି ଛାତ୍ରାବାସ ଭିତରକୁ ପଶିଆସିବାରୁ ଛାତ୍ରମାନଙ୍କ ଭିତରେ ଭୟର ବାତାବରଣ ସୃଷ୍ଟିହେଲା । ସେମାନେ ଚିତ୍କାର କରି ମୋତେ ଡାକିଲେ । ଅନ୍ତେବାସୀମାନେ ପୋଲିସକୁ ସଂବାଦ ଦେବାକୁ କହୁଥିଲେ ବି ମୁଁ ଆସି ତାକୁ ବହୁତ ବୁଝାଶୁଝା କରି ଛାତ୍ରାବାସରୁ ବିଦା କରିଦେଲି । ସେଦିନର ସେଇ ଭୟଙ୍କର ଦୃଶ୍ୟ ଆଜିବି ମୋ ଚକ୍ଷୁ ସମ୍ମୁଖରେ ଭାସି ଉଠି ମୋ ଦେହରେ ଶିହରଣ ଖେଳାଇ ଦେଉଛି ।



ଏତଦ୍ ବ୍ୟତୀତ, ଅଧ୍ୟକ୍ଷ ପ୍ରତିବର୍ଷ ଯେଉଁ ଦାୟିତ୍ୱରେ ମୋତେ ଅବସ୍ଥାପିତ କରୁଥିଲେ (ପତ୍ରିକା ସମ୍ପାଦନା, ନାଟ୍ୟ, କ୍ରୀଡା, ପରୀକ୍ଷା ଇତ୍ୟାଦିର ପରିଚାଳନା) ସେହି ସବୁ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଛି ।

ଜୀବନତ ଦାୟିତ୍ୱମୟ (ବ୍ୟକ୍ତିଗତ, ସାମାଜିକ, ସାଂସ୍କୃତିକ, ପାରିବାରିକ, ରାଜନୈତିକ ଇତ୍ୟାଦି)। ସେମାନଙ୍କୁ ଏଡାଇ ଦେବା ସହଜ ନୁହେଁ , ସମ୍ଭବ ଏବଂ ଉଚିତବି ନୁହେଁ ।

❤ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ରୂପମ୍ ଦେହି ଜୟମ୍ ଦେହି ଯଶୋ ଦେହି

ସୌର ଚନ୍ଦ୍ର ମହାପାତ୍ର

ଆଦିଶକ୍ତି ଜଗଦମ୍ବାଙ୍କ ପରମକୃପା ଲାଭ କରିବା ନିମନ୍ତେ ଶାରଦୀୟ ନବରାତ୍ରୀର ଦୁର୍ଗାଷ୍ଟମୀ ଏବଂ ମହାନବମୀ ପୂଜା ବିଶେଷ ମହତ୍ତ୍ୱ ରଖିଥାଏ। ଏହି ଦୁଇଦିନ କରାଯାଉଥିବା ପୂଜା କଲ୍ୟାଣକାରୀ ଶୁଭ ଏବଂ ମନୋବାଞ୍ଛିତ ଫଳଦାନକାରୀ ହୋଇଥାଏ। ଏହି ଦୁଇ ଦିନ ଦୁର୍ଗା ପୂଜା ଦ୍ୱାରା ଭକ୍ତର ଜୀବନରୁ ସମସ୍ତ କ୍ଲେଶ ଦୂର ହୋଇଥାଏ। ମାତାଙ୍କ ଉପାସନା ଦ୍ୱାରା ଗୃହସ୍ଥ ମନୁଷ୍ୟର ଜୀବନରେ ଧନ, ଐଶ୍ୱର୍ଯ୍ୟ, ପତ୍ନୀ, ପୁତ୍ର-ପୌତ୍ର ଏବଂ ସ୍ୱାସ୍ଥ୍ୟ ଆଦି ସମ୍ପତ୍ତି ଆସିଥାଏ। କେବଳ ସେତିକି ନୁହେଁ ଅଷ୍ଟମୀ ଏବଂ ନବମୀ ପୂଜାର ପୂଣ୍ୟ ବଳରେ ମନୁଷ୍ୟର ଜୀବନରୁ ରୋଗ, ମହାମାରୀ, ବନ୍ୟା, ଦୁର୍ଭିକ୍ଷ, ଶତ୍ରୁ ଭୟ ଭଳି ବିପଦ ଦୂର ହୋଇଥାଏ। ସେଥିପାଇଁ ଏହି ଦୁଇ ଦିନ ମା'ଦୁର୍ଗାଙ୍କ ଶ୍ରଦ୍ଧାର ସହକାରେ ଆରାଧନା କରିବା ଉଚିତ। ଏହି ପୂଜା କେବେ ନିଷ୍ଫଳ ହୁଏନାହିଁ। ଏହି ପୂଜା ସାଧକଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ। ନବରାତ୍ରୀ ଶବ୍ଦ, ନଅଟି ଅହୋରାତ୍ରର ବୋଧ କରାଇଥାଏ। ଏହି ସମୟରେ ଦେବୀ ଶକ୍ତିଙ୍କ ନଅଟି ସ୍ୱରୂପକୁ ଆରାଧନା କରାଯାଇଥାଏ। ରାତ୍ରୀ ଶବ୍ଦର ଅର୍ଥ ସିଦ୍ଧିକୁ ବୁଝାଇଥାଏ। ଉପାସନା ଏବଂ ସିଦ୍ଧି ନିମନ୍ତେ ଦିନ ଠାରୁ ରାତ୍ରୀ ସମୟର ଅଧିକ ମହତ୍ତ୍ୱ ରହିଛି। ସେଥିପାଇଁ ଅଧିକାଂଶ ପର୍ବପର୍ବାଣୀ ରାତ୍ରିରେ ହିଁ ପାଳନ କରାଯାଇଥାଏ। ଏହି ପର୍ବରେ ବିଶେଷ ସିଦ୍ଧି ହାସଲ ହେଉଥିବାରୁ ନବରାତ୍ରୀର ଅନେକ ମହତ୍ତ୍ୱ ରହିଛି। ମାତା ଶକ୍ତିଙ୍କୁ ଏହି ପବିତ୍ର ପୂଣ୍ୟମୟ ଅବସରରେ ଧ୍ୟାନ କରିବା ଉଚିତ। ନବରାତ୍ର ଆମ ଶରୀର ଏକ ଉପକ। ଆମ ଶରୀରରେ ନଅଟି ଦ୍ୱାର ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଏହା ଭିତରେ ରହିଥିବା ଜୀବନୀ ଶକ୍ତିର ନାମ ଦୁର୍ଗା। ମନୁଷ୍ୟ ଶରୀରରେ ଥିବା ମୁଖ୍ୟ ଇନ୍ଦ୍ରିୟଗୁଡ଼ିକୁ ଅନୁଶାସନ, ସ୍ୱଚ୍ଛତା ଏବଂ ପାରସ୍ପରିକ ସାମଞ୍ଜସ୍ୟ ଆଣିବା ନିମନ୍ତେ ନବରାତ୍ର ପର୍ବ ଉତ୍ତମ ଅବସର ଆଣିଥାଏ। ଏହି ନଅ ଦିଅ ମନୁଷ୍ୟର ମନ ଏବଂ ଆତ୍ମା ଶୁଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। କାରଣ ଏହି ସମୟରେ ଦେବୀ ଦୁର୍ଗା ଭକ୍ତ ଉପରେ ନିଜର ଶୁଭ ଦୃଷ୍ଟି ରଖିଥାଆନ୍ତି।

ପିଲାଟିଏ ମା' ପାଖରେ ଅଳି କରେ। ବାପା ଅପେକ୍ଷା ମା' ପାଖରେ ସହଜରେ ସେ ନିଜର ସବୁ ସୁବିଧା ଅସୁବିଧା ଜଣାଇ ପାରେ। ଏଇଟା ଦରକାର, ସେଇଟା ମୋର ଦରକାର ବୋଲି ମନଖୋଲି କହିପାରେ। ମା'ମନରେ କୌଣସି ଆବିଳତା ନରଖି ତାକୁ ଆଦର କରେ, ପରାମର୍ଶ ଦିଏ। ନିଜ ସାଧ୍ୟମତେ ସନ୍ତାନକୁ ସବୁ ସୁଖସୁବିଧା ଯୋଗାଇ ଦେବାକୁ ଉଦ୍ୟମ କରେ। ପୁଣି ଆବଶ୍ୟକ ପଡ଼ିଲେ ନିଜ ପଣତକାନିରେ ତାକୁ ଘୋଡେଇ ପକାଇ ଶତ୍ରୁପକ୍ଷ ସାମ୍ନାରେ ନିଜକୁ ରଖେ। ରଣ ହୁଙ୍କାର ଦିଏ ମୋତେ ସାମ୍ନା କର, ମୋ ପିଲାକୁ ନୁହେଁ। ଏପରିକି ମା'ପିଲା ପାଇଁ ମାନ ଅପମାନକୁ ବି ସହିପାରେ ତାର ଅମାପ ଧୈର୍ଯ୍ୟ ଶକ୍ତି ବଳରେ। କିନ୍ତୁ କେହି ଯଦି ତା'ର କିମ୍ବା ଅନ୍ୟର ନାରୀତ୍ୱ ପ୍ରତି ଲୋଲୁପ ଦୃଷ୍ଟି ପକାଏ ସେ ସନ୍ତାନ ହେଲେ ବି କ୍ଷମା ଦେଇପାରେ ନାହିଁ। ଦରକାର ପଡ଼ିଲେ ସେ ହୁଏ ରଣଚଣ୍ଡୀ। ତାକୁ ନିପାତ କରିବାକୁ ବି ପଛାଇ ଯାଏନାହିଁ। ଏହା ହିଁ ତ ମହିଷାସୁର ବଧ ପଛର ମୂଳକଥା। ମହିଷାସୁରର ଅତ୍ୟାଚାରରେ ଜଗତ ତ୍ରାହି ତ୍ରାହି ଡାକୁଥିଲା। ଦେବତା ବି ଏଥିରୁ ବର୍ତ୍ତି ପାରିଲେ ନାହିଁ। ସେମାନଙ୍କୁ ଦାସାନୁଦାସ କରି ଆସ୍ପର୍ଦ୍ଧା ଦେଖାଇ ଚାଲିଥିଲା। ଏହି ଆସ୍ପର୍ଦ୍ଧା ତାର ସୀମା ଅତିକ୍ରମ କଲା। କ୍ଷମତା ତଥା ପରାକ୍ରମ ବଳରେ ସେ ନାରୀ ଭୋଗ ଆଡ଼କୁ ମୁହାଁଇଲା। ଯେଉଁ ଆସ୍ପର୍ଦ୍ଧାକୁ ସହ୍ୟ କରିନଥିଲେ ମା'ଦୁର୍ଗା। ନିଜେ ଓହ୍ଲାଇ ଆସିଲେ ଏହି କଳୁଷରୁ ଜଗତକୁ ଉଦ୍ଧାର କରିବା ପାଇଁ। ନିଜେ ଧାରଣ କଲେ ମୋହିନୀ ରୂପ। ଚଣ୍ଡୀଚାମୁଣ୍ଡାଙ୍କୁ ସଖୀ କରି ବିଚରଣ କଲେ ମହେନ୍ଦ୍ର ପର୍ବତରେ। ମହାମାୟୀଙ୍କ ମହାମାୟାରେ ଯେତେବେଳେ ସଚରାଚର ବଶୀଭୂତ, ସେତେବେଳେ ଛାର ମାତ୍ର ମହିଷାସୁର। ଦର୍ପୀ ମହିଷାସୁର ଖବର ପାଇଲା ଯେ କେହି ଜଣେ ଅତିବ ସୁନ୍ଦରୀ ନାରୀ ଆତଯାତ ହେଉଛନ୍ତି। ତାଙ୍କୁ ସାଦରେ ନିମନ୍ତ୍ରଣ କରି ଆଣିବା ପାଇଁ ନିଜର ସହଚରମାନଙ୍କୁ ପଠାଇଲା। ସହଚର ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭଙ୍କୁ ଦେବୀ ସାମାନ୍ୟତମ କୌଶଳ ପ୍ରୟୋଗ କରି ନିପାତ କଲେ। ସେହି ନାରୀ ଯେ ସାମାନ୍ୟ ନୁହେଁ, ଜାଣିପାରି ମଧ ମାୟାଗ୍ରସ୍ତ ମହିଷାସୁର ନିଜକୁ ଅଟକାଇ ପାରିଲାନି। ନିଜେ ଗଲା ଦେବୀଙ୍କ ନିକଟକୁ। ସର୍ବଶକ୍ତିର ସମାହାର ଦେବୀ ଦୁର୍ଗା ନିଜର ମୋହିନୀ ଶକ୍ତି ପ୍ରୟୋଗ କରି ଆହୁରି ମୋହଗ୍ରସ୍ତ କରି ମହିଷାସୁରକୁ ପ୍ରଥମେ ଶକ୍ତିହୀନ କରିଦେଲେ। ଦୁର୍ବଳ ମହିଷାସୁର ଛାତିରେ ମା'ତ୍ରିଶୂଳ ଭେଦ କଲେ। ତାର ବଧ ସହିତ ଜଗତବାସୀ ଆଶ୍ୱସ୍ତ ହେଲେ। ଏହା ଆମକୁ ଚେତାଇ ଦିଏ ଯେ, ଅତିଶୟ କାମନା ଅତି ବଳବାନକୁ ବି ଶକ୍ତିହୀନ ବିବସ କରିପକାଇବାକୁ ଯଥେଷ୍ଟ। ଆଜିର ଭୋଗବାଦୀ ଦୁନିଆରେ ଅତିଶୟ କାମନାବାସନାର ରାଜତ୍ୱ। ଏହାର କବଳରେ ପଡ଼ି ନିଜର ହିତାହିତ ଜ୍ଞାନକୁ ଭୁଲି ଯାଉଛନ୍ତି ଅନେକେ। ଯେଉଁଥି ପାଇଁ ପାଶବିକ କାର୍ଯ୍ୟକଳାପ ବଢ଼ିଚାଲିଛି, ନାରୀ ନିର୍ଯାତିତ ହେଉଛି। ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା ଏହି ଶାରଦୀୟ ପାର୍ବଣ ଅବସରରେ। ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ। ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ। ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥାଇ ମହିଷାସୁର ପାଲଟିବା ହିଁ ସାର ହେବ। ଯାହା ଆଜିର ଦୁନିଆରେ ଦେଖାଯାଉଛି। ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା। ମହିଷାସୁର - ନିର୍ଣ୍ଣାଶୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି। ଦ୍ୱିଷୋ ଜହି।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ମୋ: ୯୪୩୭୦୦୪୪୬୬

ଆଲୋଚନା

# ଉଚ୍ଚ ଶିକ୍ଷା ନୀତିର ଅନ୍ତରାଳେ

ଭୋଳାନାଥ ସାହୁ



ଶିକ୍ଷା ଦେଶ ଓ ଜାତି ପ୍ରଗତିର ବାହକ । କଥାରେ ଅଛି - ଯେଉଁ ଦେଶର ନାଗରିକ ଯେତିକି ଶିକ୍ଷିତ ସେ ଦେଶ ସେତିକି ଉନ୍ନତ ଏବଂ ବିକାଶଶୀଳ । ବ୍ୟକ୍ତି ଶିକ୍ଷିତ ହେଲେ ସାମାଜିକ ପରିବର୍ତ୍ତନ ଅବସମ୍ଭାବୀ ହୋଇପଡ଼େ । ତେଣୁ କୁହାଯାଏ - 'ଶିକ୍ଷାହିଁ ସାମାଜିକ ପରିବର୍ତ୍ତନର ମୁଖ୍ୟା ଆୟୁଧ । ଦେଶରେ ଶିକ୍ଷାର ସ୍ଥିତିକୁ ଦୃଢ଼ ଏବଂ ମଜଭୁତ କରିବା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା କମିଟି ନିଯୁକ୍ତ ହୋଇଥାନ୍ତି । ତଦନୁସାରେ ସରକାର ଶିକ୍ଷା ନୀତି ଓ ବ୍ୟବସ୍ଥା ପ୍ରଣୟନ କରିଥାନ୍ତି । ଯେଉଁ ଶିକ୍ଷା ନୀତି ଓ ନିୟମ ଆଧାରରେ ଦେଶ ତଥା ରାଜ୍ୟରେ ବହୁ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଥାଏ । ସରକାର ବିଭିନ୍ନ ନୀତି ନିୟମ ଆଧାରରେ ଶିକ୍ଷାନୁଷ୍ଠାନର ପରିଚାଳନା ନିମନ୍ତେ ବିଭିନ୍ନ ପଦ ପଦବୀ ସୃଷ୍ଟି କରି କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ସେମାନଙ୍କ ଦରମା, ଚାକିରୀ ସର୍ତ୍ତାବଳୀ ଓ ପେନସନ ନିର୍ଦ୍ଧାରଣ କରିଥାନ୍ତି । ଯେଉଁ ଅନୁଷ୍ଠାନରୁ ଗଢ଼ା ହୁଅନ୍ତି ଦେଶର ଭବିଷ୍ୟକାର ମାନେ । ଯେଉଁମାନେ ଗର୍ବର ସହିତ କହନ୍ତି - ମୁଁ ଏଇ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ । ଏହାଠାରୁ ବଡ଼ ପ୍ରତିଦାନ ଆଉ କଣ ଥାଇପାରେ ? ମାତ୍ର ଦୁଃଖ ଏବଂ ପରିତାପର ବିଷୟ ଯେ ସେହି ଅନୁଷ୍ଠାନର କେତେକ ନ୍ୟସ୍ତସ୍ୱାର୍ଥ ଅଧ୍ୟାପକ ବା କର୍ମଚାରୀଙ୍କ ଯୋଗୁଁ ସମ୍ପୃକ୍ତ ସମ୍ପୃକ୍ତ ବିଦ୍ୟାମନ୍ଦିର ନର୍କ ମନ୍ଦିରରେ ପରିଣତ ହେବାରେ ଲାଗିଛି । ଏହାହିଁ ସରକାରୀ ତର୍ଜମା ସାପେକ୍ଷ । ଖଜୁରୀ ଗଛର କି ଗୁଣ ବାହୁନିବି ମୂଳରୁ ପାହାଚ ପାହାଚ ନ୍ୟାୟରେ ଅନୁଷ୍ଠାନର ଗୋଟିଏ କିମ୍ବା ଦୁଇଟି ଦୃଷ୍ଟାନ୍ତ ପ୍ରଦାନ କଲେ ତାହା ସରକାରଙ୍କ ଦୃଷ୍ଟି ପଥାରୁଢ଼ ହୋଇପାରିବ ବୋଲି ଆଶା ଓ ବିଶ୍ୱାସ ।

ଉଚ୍ଚ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ ଅଧ୍ୟକ୍ଷ (ପ୍ରିନ୍ସିପାଲ) କୁହାଯାଏ । ସେ ସମ୍ପୃକ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରଶାସନିକ, ଶୈକ୍ଷିକ, ପରିଚାଳନାଗତ ଓ ସଂଗଠନିକ ମୁଖ୍ୟ । ସରକାରଙ୍କ ନୀତି ଅନୁଯାୟି ସମ୍ପୃକ୍ତ ଅନୁଷ୍ଠାନର ବୟୋଜ୍ୟେଷ୍ଠ ପ୍ରାଧ୍ୟାପକ ଏହି ପଦବୀ ପାଇଁ ଯୋଗ୍ୟ । ଅନେକ ସଙ୍କୋଚ ବ୍ୟକ୍ତି ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ନିଜର ପରିଚାଳନାଗତ ଅଦକ୍ଷତା ଅଭାବରୁ ଶାରିରୀକ ଅକ୍ଷମତା କାରଣ ଦର୍ଶାଇ ଏହିପଦବୀରୁ ନିବୃତ ହେବା ପାଇଁ ଦରଖାସ୍ତ କରନ୍ତି । ବେଳେ ବେଳେ ପ୍ରକୃତ ପରିଚାଳନାଗତ ଦକ୍ଷତା ନଥାଇ ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଏହି ଆସନରେ ବସି ଅନ୍ୟର କ୍ରୀଡ଼ନକ ହୋଇ ନିଜର ଅହଂଭାବ ଚରିତାର୍ଥ କରିବା ନିମନ୍ତେ ବହୁ କର୍ମଚାରୀ ଏବଂ ଅନୁଷ୍ଠାନର କ୍ଷତି ପହଁଚାଇଥାନ୍ତି । କଥା କଥାରେ ଏମାନେ ତାଗିଦ ସ୍ୱରରେ କହନ୍ତି - ମୁଁ ପ୍ରିନ୍ସିପାଲ କହୁଛି ତୁମକୁ ଏହା କରିବାକୁ ହେବ । ନଚେତ ଏକ୍ସନ ନେବି, ବଦଳି କରିବି, ସିସିଆର ଖରାପ କରିଦେବି ପ୍ରଭୃତି ଧମକ ଦେଇଥାନ୍ତି । ବିଶେଷତଃ, ଆର୍ଥିକ ପରିଚାଳନା କ୍ଷେତ୍ରରେ ଏହାର ମାତ୍ରା ଅଧିକ । ଇଚ୍ଛା ନଥାଇ ମଧ ଅନେକ ବିଚରାଙ୍କୁ ଗୋହତ୍ୟା, ବ୍ରହ୍ମହତ୍ୟା ପରି ଦୋଷ କରିବାକୁ ପଡ଼ିଥାଏ । ଅର୍ଥର ଲାଳସା, ପରିଚାଳନାଗତ ଅଦକ୍ଷତା ଏବଂ କୁମନ୍ତ୍ରଣାର ବଶବର୍ତ୍ତୀ ଅଧ୍ୟକ୍ଷ ମାନଙ୍କୁ ରାକ୍ଷସରେ ପରିଣତ କରିଥାଏ । ଆତ୍ମଗର୍ବରେ ଷୋଡ଼ଶ ଲୁଇଙ୍କ ପରି **I am the state** ବୋଲି କହନ୍ତି । ନିଜ ଅଦକ୍ଷତାକୁ ଲୁଚାଇବାକୁ ଯାଇ ଅନ୍ୟ ଉପରେ ଦାଉ ସାଧନ୍ତି । ଯଦି ସରକାର ବରିଷ୍ଠତା ସହିତ ଏକ **principal internal test** ଏବଂ **direct interview** ଜରିଆରେ ଅଧ୍ୟକ୍ଷ ପଦବୀ ଚୟନ କରନ୍ତେ ତେବେ ପ୍ରକୃତ ଯୋଗ୍ୟ ବ୍ୟକ୍ତି ଏହି ପଦବୀ ମଣ୍ଡନ କରିପାରନ୍ତେ । ଦୁର୍ନୀତି ଓ ଶୋଷଣର ପ୍ରକୃତ ବିଲୋପ ହୁଅନ୍ତା । ପ୍ରତ୍ୟେକ କର୍ମଚାରୀ ନିଜର ପଦବୀ ପ୍ରତି ସଚେତନଶୀଳ ହୋଇ ଶିକ୍ଷା ଅନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରନ୍ତେ । ଅଧ୍ୟକ୍ଷ ପ୍ରଭାବଶାଳୀ ବ୍ୟକ୍ତିଙ୍କର କ୍ରୀଡ଼ନକ ନହୋଇ ପ୍ରଶାସନର ସୁପରିଚାଳନା ସହିତ ପ୍ରକୃତ ସମ୍ମାନର ଅଧିକାରୀ ହୋଇପାରନ୍ତେ ।

ଶିକ୍ଷକ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ପ୍ରାଣକେନ୍ଦ୍ର । ଯାହାଙ୍କର ମୁଖ ନିସୃତ ବାଣୀ ଶିକ୍ଷାର୍ଥୀର ଜୀବନ ଗଠନ କରିଥାଏ । ତେଣୁ କୁହାଯାଏ - 'An ideal teacher can destroy a society and can establish a new civilization ' ଅର୍ଥାତ ଜଣେ ଆଦର୍ଶ ଶିକ୍ଷକ ଏକ ସମାଜକୁ ଧ୍ୱଂସ ସ୍ତୁପରେ ପରିଣତ କରିପାରେ ଏବଂ ଏକ ନୂତନ ସଭ୍ୟତା ନିର୍ମାଣ କରିପାରେ । ଶିକ୍ଷକ ଶିକ୍ଷାର୍ଥୀ ମଧ୍ୟରେ ଶିକ୍ଷା ରୂପକ ଜୀବନ୍ୟାସ ଦେଇ ତାକୁ ଯୋଗ୍ୟ ମଣିଷରେ ପରିଣତ କରିଥାଏ । ଯେଉଁଥିପାଇଁ ପ୍ରାଚୀନ ସମାଜରେ ଶିକ୍ଷକଙ୍କୁ 'ଦ୍ୱିତୀୟ ଭଗବାନ' ବୋଲି କୁହାଯାଉଥିଲା । ଶିକ୍ଷକ ଥିଲେ ଜ୍ଞାନର ଗନ୍ତାଘର । ସେମାନେ ଥିଲେ ସମାଜର ଚଳନ୍ତି ଏବଂ ଭ୍ରାମ୍ୟମାଣ ପାଠାଗାର । ସେମାନେ ଯାହା କହୁଥିଲେ ତାହା କରୁଥିଲେ ଏବଂ ଯାହା କରୁଥିଲେ ତାହା କହୁଥିଲେ । ମାତ୍ର ଆଜିର କେତେକ ଶିକ୍ଷକ ଏତାଦୃଶ ନୀତି ଓ ଆଦର୍ଶଠାରୁ ବହୁ ଦୂରରେ । ଏମାନେ ଶିକ୍ଷାର୍ଥୀଙ୍କୁ ଉପଦେଶ ଛଳରେ କୁହନ୍ତି - 'ମୁଁ ଯାହା କହୁଛି ତାହା ତୁମେ କର, ମୁଁ ଯାହା କରୁଛି ତାହା ତୁମେ କରନାହିଁ ।' ଏଥିରୁ ସ୍ପଷ୍ଟ ଯେ ଆଜିର ବହୁ ଶିକ୍ଷକଙ୍କର କହିବା ଏବଂ କରିବା ମଧ୍ୟରେ ତାରତମ୍ୟ ରହିଛି । ଯଦି ଶିକ୍ଷକ ହୋଇ କହିବା ଏବଂ କରିବା ମଧ୍ୟରେ ସାମସ୍ୟ ଦେଖାଯାଏ ତେବେ କାର୍ଯ୍ୟରେ ତୃଟି ପରିଲକ୍ଷିତ ହେବ ହିଁ ହେବ । ପୁଣି ଯେଉଁ ଅଧ୍ୟାପକ ବା କର୍ମଚାରୀ ଗୋଟିଏ ଶିକ୍ଷାନୁଷ୍ଠାନରେ ୨୫/୩୦ ବର୍ଷରୁ ଉର୍ଦ୍ଧ୍ୱ ଚାକିରୀ କଲେଣି ସେମାନଙ୍କର ଆଚାର ବିଚାର ଶାଣିତ ହେଲାଣି । କୌଣସି ତୃଟି ପାଇଁ ଯଦି ଅଧ୍ୟକ୍ଷ ଏମାନଙ୍କୁ କିଛି ପ୍ରଶ୍ନ ପଚାରନ୍ତି, ତେବେ ଏମାନଙ୍କର ଉତର ଆରମ୍ଭ ହୁଏ - 'ମୁଁ ୨୫/୩୦ ବର୍ଷ ହେଲା ଏଇଠି ଚାକିରୀ କଲିଣି, କେତେ ପ୍ରିନ୍ସିପାଲ ଗଲେଣି, ଏହି କଲେଜ ଅଛି, ଆଉ ମୁଁ ଅଛି ଏବଂ ରହିଥିବି । କୋଉଠୁ ଅଇଲା ବିଦେଶୀ ଆମକୁ ପାଠ ପଢ଼ାଉଛି । ଚୁପ୍ ରୁହନ୍ତୁ ନହେଲେ ବଦଳି ହୋଇ ପୁଣି ଯିବେ ।' ଏମାନଙ୍କର ବଦଳି ନାହିଁ ବୋଲି ଏମାନେ ସ୍ୱଦେଶୀ, ଆଉ ଯେଉଁ ମାନେ ସରକାରୀ ନୀତିରେ ବଦଳି ହୋଇ ଆସନ୍ତି ସେମାନଙ୍କ ପରିଭାଷାରେ 'ବିଦେଶୀ' । ବହୁ ଅଧ୍ୟକ୍ଷଙ୍କ ସମୟସୀମା ସିମିତ ଥିବାରୁ ସ୍ୱରତୋଳି କାର୍ଯ୍ୟରେ ପରିଣତ କରିପାରନ୍ତି ନାହିଁ । ଅନ୍ୟଥା ପେନସନ ପତ୍ର ପ୍ରସ୍ତୁତିରେ ହଇରାଣର ଶିକାର ହୁଅନ୍ତି । ଆଉ କେତେକ ତୁତ ମୁତୁରି ମୁଁ ତ ମୁତୁରି ହେଁସ କାହିଁ ପାଇଁ ଧୋଇବା ନ୍ୟାୟରେ ନିଜର ସମୟ ଗଡ଼ାଇ ନିଅଁ । ତେଣୁ ସ୍ୱାର୍ଥପରମାନେ 'ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ' ହୋଇ ସମସ୍ତଙ୍କୁ କଳା ଲଗାଇ ଚାଲନ୍ତି । କଲେଜର ବିକାଶରେ ଆପଣଙ୍କର ଭୂମିକା କଣ ସମ୍ପର୍କରେ ପ୍ରଶ୍ନ କଲେ ଏମାନଙ୍କର ଉତର ଶୂନ । ବିଧିବଦ୍ଧ ଭାବେ ତଦନ୍ତ କଲେ ଜଣାଯାଏ ଏମାନଙ୍କର କଳା କାରନାମା । ଏହାର କେତେକ ଝଲକ ସରକାରଙ୍କ ଦୃଷ୍ଟି ଅକର୍ଷଣ କରିବାକୁ ଚାହେଁ । ଯଥା- ୧) ଏମାନେ ବିଳମ୍ବରେ କ୍ଲାସ ଯାଆନ୍ତି ଓ ଶୀଘ୍ର କ୍ଲାସ ଛାଡ଼ନ୍ତି, (୨) ବର୍ଷ ତମାମ **groupism** କରିବାରେ ବ୍ୟସ୍ତ ରହନ୍ତି ଓ ନବାଗତ ଦଳଭୁକ୍ତ ନହେଲେ ବଦଳି ଧମକ ଦିଅନ୍ତି । (୩) **Local politics** ରେ ଜଡ଼ିତ ଥାଆନ୍ତି (୪) ଅଧ୍ୟକ୍ଷଙ୍କୁ **undertaking** ଦେଇ ମଧ ଘରୋଇ ଟିଉସନ କରିବା ଏବଂ କୋଚିଂ ସେଂଟର ଯିବାରେ ଅଭ୍ୟସ୍ତ (୫) **practical** ପାଇଁ ମୋଟା ଅଙ୍କରେ ଟଙ୍କା କଲେକସନ କରନ୍ତି ଓ ପଇସା ନାହିଁତ **practical** ରେ ଭଲ ନମ୍ବର ନାହିଁ ବୋଲି କହନ୍ତି (୬) **observer** କିମ୍ବା **squad duty** ରେ ଯାଇ ଲାଚଂ ନେବା ଓ ମଦ ମାଂସ ଖାଇବାରେ ଅଭ୍ୟସ୍ତ (୭) ଶିକ୍ଷାର୍ଥି ଏବଂ **external** ଙ୍କ ସହିତ ଅନୈତିକ ସମ୍ପର୍କ ସ୍ଥାପନରେ ଧୁରନ୍ଧର (୮) ପରୀକ୍ଷାର୍ଥୀଙ୍କଠାରୁ ମୋଟା ଅଙ୍କର ଟଙ୍କା କଲେକସନ କରିବା ଓ ପରୀକ୍ଷାରେ କପି ଯୋଗାଇବା କର୍ମରେ ଲିପ୍ତ ରହନ୍ତି (୯) ଅଧ୍ୟକ୍ଷ ଦେଉଥିବା ଦାୟିତ୍ୱ ପ୍ରତି ଯତ୍ନବାନ ହୁଅନ୍ତି ନାହିଁ । (୧୦) କଲେଜ ପରିସରରେ ଚା' ଖଟି ଓ ଚୁଗୁଲିର ମାହୋଲ ସୃଷ୍ଟିରେ ବ୍ୟସ୍ତ (୧୧) ନବାଗତ ମାନଙ୍କୁ ନିଜ ଇଛାରେ ଦାୟିତ୍ୱ ଦେବାର ପ୍ରତିଶୃତି ଦିଅନ୍ତି, ଅନ୍ୟଥା ନମାନିଲେ ଅତ୍ୟାଚାର କରନ୍ତି (୧୨) କଲେଜ ପରିସରରେ ମଦ୍ୟପାନ କର୍ଁ କିମ୍ବା ମଦ୍ୟପାନ କରି କଲେଜକୁ ଆସଁ (୧୩) ମଉକା ଦେଖି କଲେଜ ଏକାଉଂଟସରୁ ଅର୍ଥ ହେରଫେର କରନ୍ତି (୧୪) ଶିକ୍ଷାର୍ଥୀଙ୍କ ସହିତ କାଷ୍ଟିଂ କାଉଚ କରି ଘୃଣ୍ୟ କାରବାରରେ ମନନିବେଶ କରନ୍ତି (୧୫) କଲେଜରେ ଅବସର ସମୟ ନଥିଲେ ହେଁ ମଧ୍ୟାହ୍ନ ଖାଇବା ବାହାନାରେ ଘଂଟା ଘଂଟା ଘରେ ଯାଇ ରହନ୍ତି (୧୬) ସରକାରୀ କଟକଣା ସତ୍ୱେ ଅଧ୍ୟାପକ ହୋଇ ମଧ ପାନ ଗୁଟଖା ଖାଇ କଲେଜ ପରିସରକୁ ଆବର୍ଜନାମୟ କରନ୍ତି (୧୭) ମଝିରେ ମଝିରେ ଘର, ବ୍ୟାଙ୍କ, ଡ଼ାକ୍ତରଖାନା କିମ୍ବା ବଜାର ଯିବା ବାହାନା କରି କଲେଜରୁ ଅପସରି ଯିବା ପ୍ରଭୃତି କେତେକ ନୀତିଭ୍ରଷ୍ଟଙ୍କ କାର୍ଯ୍ୟକଳାପ ନିମନ୍ତେ ସମଗ୍ର ଶିକ୍ଷାନୁଷ୍ଠାନ ବଦନାମ ହେଉଛି । ଦୀର୍ଘଦିନ ଗୋଟିଏ କଲେଜରେ ରହିବା ଯୋଗୁଁ ଏମାନଙ୍କ କଳା କାରନାମା ବଢ଼ି ଚାଲିଛି । ଶିକ୍ଷାନୁଷ୍ଠାନ ବଦନାମ ହେଉଛି । ବାଘ ଘରେ ଏମିତି ମିରିଗ ନାଟ କେତେଦିନ ଚାଲିବ ? ଏଥିପାଇଁ ପ୍ରକୃତ ନିଦାନର ବ୍ୟବସ୍ଥା କେବେ ? କଥାରେ ଅଛି - 'ସାପ ଯେତେ ବିଷଧର ହେଉନା କାହିଁକି ସେ କଣ ସାପୁଆ ହାତରୁ ଖସିଯାଇପାରେକି ? ଏଥିପାଇଁ ସରକାରୀ ନୀତିର କାର୍ଯ୍ୟକାରିତା ଏକାନ୍ତ ଅପରିହାର୍ଯ୍ୟ । ଯଦି ସରକାର ପ୍ରତ୍ୟେକଙ୍କୁ ସ୍ତରଭିତିରେ ପ୍ରତି ୩ ବର୍ଷରୁ ୫ ବର୍ଷ ମଧ୍ୟରେ ବଦଳି ଲାଗୁ କରନ୍ତେ ତେବେ ଦୁର୍ନୀତି, ଶୋଷଣ ଓ ଅନ୍ୟାୟ ଆପଣାଛାଏଁ ଦୂର ହୋଇ ପାରିବ । ରାଜକାର୍ଯ୍ୟ ଛାଡ଼ି ପିତୃକାର୍ଯ୍ୟରେ ମଗ୍ନ ରହୁଥିବା ପ୍ରତ୍ୟେକଟି କର୍ମଚାରୀ ପିତୃକାର୍ଯ୍ୟ ଅପେକ୍ଷା ରାଜକାର୍ଯ୍ୟଯେ ମହୋତର ଏହା ହୃଦୟଙ୍ଗମ କରି ନୀତିନିଷ୍ଠ ହୋଇପାରିବେ । ଫଳରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ପ୍ରକୃତ ଶିକ୍ଷା ମନ୍ଦିରରେ ପରିଣତ ହୋଇ ପାରିବ ।

❤ ପ୍ରାକ୍ତନ ପ୍ରାଧ୍ୟାପକ ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ, ଉଦଳା ମୟୂରଭଞ୍ଜ
(ମୋ) : ୯୯୩୭୧୫୧୩୧୦

# ବିଜେଡ଼ି ଦଳ ପକ୍ଷରୁ କେଏମସାହିରୁ ମାକିଡ଼ିଆ ଜନ ସଂପର୍କ ପଦଯାତ୍ରା




ଜଳେଶ୍ୱର , ୦୫/୧୦ (ନି.ପ୍ର): ଜଳେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ଆଜି ସକାଳ ୧୧ଘଟିକା ସମୟରେ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର ଗୋପାଳପ୍ରସାଦ ହାଟ ପଡିଆରୁ ଆରମ୍ଭ ହେଇଥିଲା ଜନସମ୍ପର୍କ ପଦଯାତ୍ରା । ଏହି ଜନ ସମ୍ପର୍କ ପଦଯାତ୍ରା ଗୋପାଳପ୍ରସାଦରୁ ବାହାରି କୁଅଁରପୁର ଗାଁ ଦେଇ ମାକିଡ଼ିଆ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା ।ଜଗନ୍ନାଥ ମନ୍ଦିର ପ୍ରାଙ୍ଗଳରେ ବିଜୁ ଜନତା ଦଳର ବ୍ଲକ ସଭାପତିଦିଲ୍ଲୀପ ସାମଲ ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେଇଥିଲା । ଉପସ୍ଥିତ ଥିଲେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବ୍ଲକ୍ ଅଧକ୍ଷ ମାନସ କୁମାର ଜେନା,ପୌରପାଳ ପ୍ରତୀପ ପ୍ରଧାନ,ଜିଲ୍ଲା ପରିଷଦ ଉପାଧକ୍ଷା ଅନୁଷୟା ପ୍ରଧାନ,ସମବାୟବିତ ତପନ ଦାସ, ବ୍ରିଜେଶ ରଣା, ମଧୁସୂଦନ ସେନାପତି, କେଏମସାହି ସରପଞ୍ଚ ଚଞ୍ଚଳା ସେଠି , କଳମା ସରପଞ୍ଚ ସୁବିନିତା ଦତ୍ତ, ଶିଖରପୁର ସରପଞ୍ଚ ବିଦ୍ୟାଧର ମଲ୍ଲିକ, ଲକ୍ଷ୍ମଣନାଥ ସଦସ୍ୟ ଜିତେନ୍ଦ୍ର ଦାସ,ମାକିଡ଼ିଆ ସରପଞ୍ଚ ବିଷ୍ଣୁପ୍ରିୟା ଘୋଷ, ସଦସ୍ୟା ସୁପ୍ରଭା ଘଡେଇ, ଯୁବସଭାପତି ନିମାଇଁ ଘୋଷ,ଛାତ୍ର ସଭାପତି ଗୌରବ ଦାସ, ଗୌତମ ପାତ୍ର, ଲେଲିନ ପ୍ରଧାନ, ସମୀର ଘଡେଇ, ସଞ୍ଜୟ ଘୋଷ, ମନୋରଞ୍ଜନ ଦେ, ବିଷ୍ଣୁପଦ ଆଚାର୍ଯ୍ୟ,କ୍ଷିତିଶ ଦେ ଉପସ୍ଥିତ ରହି ନିଜନିଜର ଅଭିଭାଷଣ ରଖିଥିଲେ । ବର୍ତ୍ତମାନର ରଙ୍ଗବୋଳା ସରକାରର କାର୍ଯ୍ୟ ବିଷୟରେ ଲୋକମାନଙ୍କୁ ଉପସ୍ଥିତ ନେତୃ ମଣ୍ଡଳୀ ସଚେତନ କରିଥିଲେ ।ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଶହେ ଦିନ ର ବିଜେପି ସରକାର୍ କୁ ବିଭିନ୍ନ ଯୋଜନା ବାବଦରେ ସମାଲୋଚନା କରିବା ସହିତ ଗୌତମ ପାତ୍ର ବ୍ୟଙ୍ଗାମାକ୍ ଭାବେ ବିଜେପି କୁ ସମାଲୋଚନା କରିଥିଲେ।

# ନାଟ୍ୟକାର ବ୍ରହ୍ମାନନ୍ଦ ପାତ୍ରଙ୍କ ସ୍ମୃତି ସଭା ଅନୁଷ୍ଠିତ




ବାଲିଆପାଳ/ଲଙ୍ଗଳେଶ୍ୱର,୫/୧୦ (ନିପ୍ର)ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମତକୁହ୍ଳା ଗ୍ରାମର ନାଟ୍ୟକାର ସ୍ୱର୍ଗତ ବ୍ରହ୍ମାନନ୍ଦ ପାତ୍ରଙ୍କ ସ୍ମୃତି ସଭା ଶନିବାର ସନ୍ଧ୍ୟାରେ ତାଙ୍କ ନିଜ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ପାତ୍ରଙ୍କ ର ସେପଟ୍ଟେମ୍ବର ୨୪ ତାରିଖରେ ଦିନ ୭୮ ବର୍ଷ ବୟସରେ ତିରୋଧାନ ଘଟିଥିଲା। ଆଜି ସନ୍ଧ୍ୟା ରେ ସ୍ୱର୍ଗତ ପାତ୍ରଙ୍କ ୧୨ ଦିନରେ ତାଙ୍କ ବାସଭବନ ରେ ଅମୂଲ୍ୟ ବେହେରାଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରବୀନ୍ଦ୍ର ଜେନା, ତୀର୍ଥ ନାଗ,ସୁଦାମ ତରାଇ, ଅର୍ଜୁନ ବାରିକ, ପ୍ରଥମ ପାତ୍ର, ସୁଶାନ୍ତ ନାୟକ, ରବୀନ୍ଦ୍ର ଦେ, ଜଗବନ୍ଧୁ ନାୟକ, ମାନଗୋବିନ୍ଦ ଖିଲାର, ଅନିଲ ଜେନା ଙ୍କ ସହିତ ପରିବାର ଲୋକେ ସ୍ୱର୍ଗତ ପାତ୍ରଙ୍କ ଫୋଟ ଚିତ୍ର ରେ ପୁଷ୍ପାଞ୍ଜଳୀ ପ୍ରଦାନ କରିବା ସହିତ ସେ ଏକ ଧାରରେ ଥିଲେ ଜଣେ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ। ତାଙ୍କର ମେଳାପି ଓ ପରିପକରିତା ଗୁଣ ପାଇଁ ତାଙ୍କୁ ଆଜିବି ସମସ୍ତେ ମାନେ ରଖୁଛନ୍ତି ବୋଲିକରିଥିଲେ। ଶେଷରେ ବଂଶୀଧର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡୋଦରା ବିମାନବନ୍ଦରକୁ ବୋମାରେ ଉଡାଇବାକୁ ଧମକ

ନୂଆଦିଲ୍ଲୀ, ୫/୧୦ : ଗୁଜୁରାଟର ବଡୋଦରା ବିମାନବନ୍ଦରକୁ ବୋମା ମାଡରେ ଉଡାଇବାକୁ ଧମକ ମିଳିଛି । ଏହି ଧମକ ପୂର୍ଣ୍ଣ ଇ- ମେଲ୍ ସିଆଇଏସଏଫ ର ଇ-ମେଲ୍ ଆଡ୍ରେସ ରେ ଆସିଛି । ବିମାନବନ୍ଦର ପ୍ରାଧିକରଣ ଏବଂ ପୋଲିସର ବିଭିନ୍ନ ଟିମ୍ ଘଟଣାର ତଦନ୍ତ କରୁଛି । ବୋମା ନିଷ୍କ୍ରିୟକାରୀ ଟିମ୍ ସହିତ ଡଗ୍ ସ୍କ୍ୱାଡ୍ ଜରିଆରେ ସମ୍ପୂର୍ଣ୍ଣ ଟର୍ମିନାଲ୍ ଅଂଚଳରେ ଯାଂଚ୍ କରାଯାଉଛି । ବଡୋଦରାର ହରଣୀ ବିମାନବନ୍ଦରରେ ସିଆଇଏସଏଫ ର ୟୁନିଟ୍ ଏଏସଜି ରେ କାର୍ଯ୍ୟରତ ପ୍ରଦୀପ କୁମାର ରାମ ହରଣୀ ଥାନାରେ ବୋମା ସମ୍ବନ୍ଧୀୟ ଇ-ମେଲ୍ ମିଳିବା ସମ୍ପର୍କିତ ଅଭିଯୋଗ ଦାୟର୍ କରିଛନ୍ତି । ତଦନୁଯାୟୀ, ଅକ୍ଟୋବର ୪ ତାରିଖରେ ସେ ହରଣୀ ବିମାନବନ୍ଦରରେ ଡ୍ୟୁଟିରେ ଥିଲେ । ଏହି ସମୟରେ ପୂର୍ବାହ୍ନ ୧୧ଟା ସମୟରେ ବିମାନବନ୍ଦର ପ୍ରାଧିକରଣ ନିକଟରେ ସିଆଇଏସଏଫ ର ଇ-ମେଲ୍ ଆଇଡି ରେ କେହି ଅଜ୍ଞାତ ବ୍ୟକ୍ତି ଜନରଲ ଶିବା୭୬ ରେଡିଫମେଲ୍ ଡଟ୍ କମ୍ ରୁ ମେଲ୍ କରିଥିଲେ । ଏଥିରେ ଇଂରାଜୀରେ ଲେଖାଯାଇଥିଲା ଯେ, ଆଇ ହାଭ ଟିକଲ୍ଡ ଦେୟାର ଇଗୋ ଆଣ୍ଡ ହାଭ ଫ୍ରଷ୍ଟେଡ୍ ଦେମ୍, ହା ହା ହା, ପରିଣାମ ବମ୍ ଆଣ୍ଡ ବୈଂସ ବିଗ ବିଗ ବୈଂଗ୍ସ ହୋ ହୋ ହୋ ନୋ ଷ୍ଟପିଙ୍ଗ, ନୋ ଏସକେପ୍ ଲେଟ୍ ଦି ଗେମ୍ ବିଗିନ୍ ଜୟ ମହାକାଳ, ଜୟ ମା ଆଦିଶକ୍ତି ... ।

# ଅବସରପ୍ରାପ୍ତ ନାଜର ତଥା ନୀଳଗିରି ଜଗନ୍ନାଥଙ୍କ ମନ୍ଦିରର ସେବାୟତ ବ୍ରହ୍ମା ପଦ୍ମନାଭ ନନ୍ଦଙ୍କ ପରଲୋକ



ନୀଳଗିରି, ୦୫/୧୦ (ନି.ପ୍ର): ନୀଳଗିରି ଜଗନ୍ନାଥ ମନ୍ଦିରର ମହାପ୍ରଭୁ ଜଗନ୍ନାଥଙ୍କ ମୁଖ୍ୟ ଅଙ୍ଗ ସେବାୟତ ବ୍ରହ୍ମା ପଦ୍ମନାଭ ନନ୍ଦଙ୍କର ନୀଳଗିରି ଘାଟଘର ସାହି ସ୍ଥିତ ବାସଭବନରେ ଶନିବାର ପୂର୍ବାହ୍ନ ୭.୩୦ ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିବା ବେଳେ ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ନନ୍ଦଙ୍କ ପରିବାର ନୀଳଗିରି ଜଗନ୍ନାଥ ମନ୍ଦିରର ଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗ ସେବକ ଭାବରେ କାର୍ଯ୍ୟ କରୁଥିବା ବେଳେ ଶ୍ରୀଯୁକ୍ତ ନନ୍ଦ ନୀଳଗିରି ତହସିଲରେ ମୁଖ୍ୟ କିରାଣୀ ଥିଲେ। ପରେ ନାଜର ଭାବରେ ପଦୋନ୍ନତି ପାଇ ଅବସର ଗ୍ରହଣ କରିଥିଲେ। ସରକାରୀ ଚାକିରୀରେ ଥାଇ ମଧ ମହାପ୍ରଭୁଙ୍କ ଅଙ୍ଗସେବା କରିବାକୁ କେବେ ଭୁଲି ନଥିଲେ। ତାଙ୍କର ପାଞ୍ଚ ପୁଅ , ବୋହୂ ଓ ଦୁଇ ଝିଅ, ଜ୍ୱାଇଁଥିବା ବେଳେ ସମସ୍ତ ନାତି ନାତୁଣୀ ସମେତ ତାଙ୍କ ପରିବାର, ଆତ୍ମୀୟ ସ୍ୱଜନ ତାଙ୍କ ମୃତ୍ୟୁରେ ମୀୟମଣ ହୋଇ ପଡିଛନ୍ତି। ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ଜଣେ ଉଚ୍ଚଶିକ୍ଷିତ, ଧର୍ମପରାୟଣ ଦରଦୀ ବନ୍ଧୁ ଭାବରେ ନୀଳଗିରି ସମେତ ସମଗ୍ର ବାଲେଶ୍ୱର ଜିଲ୍ଲାରେ ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁ ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ରହ୍ମା ପୁନ୍ୟଶ୍ଳୋକ ନନ୍ଦ, ବ୍ରାହ୍ମଣ ସମାଜ,ବହୁ ଧର୍ମପରାୟଣ ବ୍ୟକ୍ତି, ସମାଜସେବୀ, ସେବାୟତ ତାଙ୍କ ଦେହାବସନରେ ଶୋକବ୍ୟକ୍ତ କରିବା ସହିତ ଅନ୍ତିମ ଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଶେଷରେ ଆତ୍ମୀୟ ସ୍ୱଜନଙ୍କ ଗହଣରେ ତାଙ୍କର ପ୍ରାର୍ଥିବ ଶରୀରକୁ ନିଜ ବାଡ଼ିରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ହିମାଂଶୁ ନନ୍ଦ ମୁଖାଗ୍ନି ଦେଇଥିଲେ।

# ମୟୂରଭଞ୍ଜରେ ପିଏମ କିଷାନ ଯୋଜନାର ୨,୨୩,୭୯୧ ଜଣ ଚାଷୀ ହେବେ ଲାଭାନ୍ୱିତ

ବାରିପଦା, ୦୫/୧୦ (ନି.ପ୍ର): କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପିଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସ୍ୱଳ୍ପ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନିଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇ ଥାଏ। ଆଜି ଦେଶର ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ମହାରାଷ୍ଟ୍ରର ୱାସିମ ସହର ଠାରେ ଆୟୋଜିତ ପିଏମ କିଷାନ ଉତ୍ସବ ସମାରୋହ ଠାରେ ଦେଶର ୯କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦୦୦୦ କୋଟି ଟଙ୍କା ହସ୍ତାନ୍ତର କରିଥିଲେ। ଏହି ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ଜିଲ୍ଲା ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ହୋଇଥିବା ବେଳେ ମାନ୍ୟବର ସାଂସଦ, ରାଜ୍ୟସଭା, ଶ୍ରୀମତୀ ମମତା ମହାନ୍ତ, ମାନ୍ୟବର ସାଂସଦ, ଲୋକସଭା, ଶ୍ରୀଯୁକ୍ତ ନବ ଚରଣ ମାଝୀ, ମାନ୍ୟବର ବିଧାୟକ, ଉଦଳା, ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ, ମାନ୍ୟବର ବିଧାୟକ, ବାରିପଦା,ଶ୍ରଯୁକ୍ତ ପ୍ରକାଶ ସୋରେନ,ମାନ୍ୟବର ବିଧାୟକ, ସାରସକଣା ଶ୍ରୀଯୁକ୍ତ ଭାଦବ ହାଁସଦା, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା ଏବଂ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ମାନେ ୱାସିମ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅବିଭାଷଣରେ ମନ୍ତ୍ରମୁଗ୍ଧ ହୋଇଥିଲେ। ଏଥିସହିତ ଉପସ୍ଥିତ ସମସ୍ତଙ୍କୁ ଅତିଥି ମାନେ ଜିଲ୍ଲାରେ ଚାଷ ବିଷୟରେ ଉତ୍ତମ ପଦ୍ଧତି ଏବଂ ପ୍ରଣାଳୀ ଅବଲମ୍ବନ ପାଇଁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ୨,୨୩,୭୯୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହେବ ବୋଲି ସୂଚନା ପ୍ରାପ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସିଦ୍ଧାର୍ଥ ବେହୁରା ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡଃ ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କୃଷି ଉପନିର୍ଦ୍ଦେଶିକା ମଧୁସ୍ମିତା ଜେନା ସଭା କାର୍ଯ୍ୟପରିଚାଳନା କରିଥିଲେ।

# ସୁବର୍ଣ୍ଣରେଖା ପୋର୍ଟ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଭ୍ରାମ୍ୟମାଣ ଜନ ସ୍ୱାସ୍ଥ୍ୟ ୟୁନିଟର ଶୁଭାରମ୍ଭ




ବାଲିଆପାଳ/ଲଙ୍ଗଳେଶ୍ୱର ୫/୧୦(ନି ପ୍ର) ଗୋଷ୍ଠୀ କଲ୍ୟାଣରେ ଉନ୍ନତି ଆଣିବାର ନିରନ୍ତର ଉଦ୍ୟମକୁ ଜାରି ରଖି ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ସହଯୋଗରେ ବାରଲେଶ୍ୱରର ବସ୍ତା ଅଂଚଳର ବାସିନ୍ଦାଙ୍କ ପାଇଁ ମାଗଣା ଓ ଗୁଣାତ୍ମକ ମେଡିକାଲ୍ ସେବାକୁ ବ୍ୟାପକ କରାଯାଇଛି । ଫାଉଣ୍ଡେସନର ଭ୍ରାମ୍ୟମାଣ ଜନ ସ୍ୱାସ୍ଥ୍ୟ ୟୁନିଟ (ଏମପିଏଚୟୁ) ରାଜ୍ୟର ଦୁର୍ଗମ ଓ ଅନଗ୍ରସର ଅଂଚଳର ଲୋକମାନଙ୍କ ପାଖରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ପହଂଚାଇଛି। ଉକ୍ତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟରେ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ, ଡାଟା କୋଅର୍ଡିନେଟର ଓ ଲ୍ୟାବ ଟେକ୍ନିସିଆନଙ୍କ ଏକ ଟିମ୍ ରହିଛି। ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲାଗି ତାହା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ରକ୍ତଚାପ, ରକ୍ତ ଶର୍କରା, ହିମୋଗ୍ଲୋବିନ ସ୍ତର, ଗର୍ଭଧାରଣ ପରୀକ୍ଷା ଏବଂ ଡେଙ୍ଗୁ, ମାଲେରିଆ, ଥାଇରଏଡ ତଥା ଅନ୍ୟାନ୍ୟ ସାଧାରଣ ରୋଗ ଲାଗି ଏହା ଅତ୍ୟାବଶ୍ୟକ ପରୀକ୍ଷା ସୁବିଧା ଯୋଗାଇ ଦେଉଛି। ବସ୍ତା ବ୍ଲକର ୯ଟି ଗ୍ରାମ ପଂଚାୟତ ଓ ୨୨ଟି ଗ୍ରାମକୁ ସେବା ପ୍ରଦାନ କରୁଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ର ଲକ୍ଷ୍ୟ ହେଉଛି ଉପଷମ ଠାରୁ ଆରମ୍ଭ କରି ପ୍ରତିଷେଧମୂଳକ ଚିକିତ୍ସା ସୁବିଧା ପଦାନ କରି ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବାକୁ ପହଂଚାଇବା। ଏହି ଦୃଷ୍ଟିକୋଣ ଦ୍ୱାରା ରୋଗର ଆଗୁଆ ଚିହ୍ନଟ ଓ ଚିକିତ୍ସା ହୋଇପାରିଥିବା ବେଳେ ବ୍ୟୟବହୁଳ ମେଡିକାଲ୍ ଖର୍ଚ୍ଚ ଓ ଚିକିତ୍ସାକୁ ଏଡ଼ାଇ ଏହା ପରିବାରର ଆର୍ଥିକ ବୋଝ ହ୍ରାସ କରିବାରେ ସହାୟକ ହେଉଛି। ଏହି ଅଭିଯାନରେ ସ୍ୱାସ୍ଥ୍ୟ ସଚେତନତା ଓ ଶିକ୍ଷାକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବିଚାର କରାଯାଉଛି। ଏହି ସହଯୋଗିତା ଜରିଆରେ ଏହି ଅଂଚଳର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ବନ୍ଦର ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପ୍ରତିବଦ୍ଧ ରହିଛନ୍ତି।

# ସହିଦ୍ ବାଜି ରାଉତଙ୍କ ଜୟନ୍ତୀ ପାଳିତ

ଭୁବନ, ୦୫/୧୦ (ନି.ପ୍ର): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ବିଶ୍ୱର ସର୍ବ କନିଷ୍ଠ ସହିଦ ବୀର ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଅଜିତ କୁମାର ବେହେରା ସଭାପତିତ୍ୱ କରି କହିଥିଲେ ଯେ, ବାଜି ରାଉତ କେବଳ ଭୁବନ ମାଟିର ଗର୍ବ ଓ ଗୌରବ ନୁହନ୍ତି, ସେ ସମଗ୍ର ପୃଥିବୀରେ ତ୍ୟାଗ ଓ ବଳିଦାନର ଅନ୍ୟନାମ । ଆଜିର ବିଦ୍ୟାର୍ଥୀ / ଯୁବକ ମାନେ ବୀର ବାଜି ରାଉତଙ୍କ ଭଳି ସାହସୀ ଓ ଦେଶ ପ୍ରେମୀ ହେବାକୁ ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ଭୂୟାଁ, ଗୌରାଙ୍ଗ ଚରଣ ମହାରଣା, ବାସୁଦେବ ସାହୁ, ଅନୀଳ କୁମାର ଧିର, ଗ୍ରନ୍ଥାଗାରିକ ନନ୍ଦକିଶୋର ଧିର, ମୁଖ୍ୟ କିରାଣୀ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଆହ୍ୱାନ ଦେଇଥିଲେ । ଯୋଗଦାନ କରି ନିଜସ୍ୱ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷଙ୍କ ଦ୍ୱାରା ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ, ଅଧ୍ୟାପକ ସୁକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଗାଇଡ୍ ର ଛାତ୍ରଛାତ୍ରୀଙ୍କୁ ନେଇ ମହାବିଦ୍ୟାଳୟର ପରିସର ଭିତରେ ଏକ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# ୟୁଥ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ ମାଧ୍ୟମରେ କିର୍ଗିଜ୍ ରିପବ୍ଲିକ୍ ବୁଲିଲେ ସୋଆ ଏନ୍‌ସିସି କ୍ୟାଡେଟ

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ୟୁଥ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ (ୱାଇପି) ମାଧ୍ୟମରେ ଏନ୍‌ସିସି ପ୍ରତିନିଧି ଦଳରେ ସାମିଲ ହୋଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ର ଅଭିନାଶ ନନ୍ଦ କିର୍ଗିଜ୍ ରିପବ୍ଲିକ୍ ବୁଲିବା ସହ ଅନେକ ଅନୁଭୂତି ସାଉଁଟି ଭାରତ ଫେରିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍‌ସ ବିଭାଗର ଛାତ୍ର ଅଭିନାଶ ଭାରତ କିର୍ଗିଜ୍ ସମ୍ପର୍କ ଓ ଶୈକ୍ଷିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ସପ୍ତାହବ୍ୟାପୀ ସେଠାରେ ବୁଲିବା ପରେ ସେପଟ୍ଟେମ୍ବର ୩୦ ତାରିଖରେ ଭାରତ ଫେରିଛନ୍ତି ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ହରିୟାଣାରେ ବିଜେପିକୁ ...

କୌଣସି ଦଳକୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୪୬ ମିଳିବ ନାହିଁ। କଂଗ୍ରେସ ଓ ଏନସି ସର୍ବାଧିକ ଆସନ ପାଇ ପାରନ୍ତି। କିନ୍ତୁ ଉଭୟ ମ୍ୟାଜିକ ନମ୍ବର ଠାରୁ ଦୂରରେ ରହିବେ। ବିଜେପି ମଧ ୩୦ରୁ ଅଧିକ ଆସନ ଜିତିବାକୁ ସକ୍ଷମ ହୋଇପାରିବ ନାହିଁ। ଏଭଳି ସ୍ଥିତିରେ ମେହବୁବା ମୁଫତିଙ୍କ ପିଡିପି ଓ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକ କିଙ୍ଗ ମେକର ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ପିପୁଲ୍ସ ପ୍ଲସ କହିଛି ଯେ ଫାରୁକ ଅବଦୁଲ୍ଲାଙ୍କ ନ୍ୟାଶନାଲ କନଫରେନ୍ସ ଜମ୍ମୁ-କଶ୍ମୀରରେ ୩୩ରୁ ୩୫ଟି ଆସନ ଜିତିପାରେ। ବିଜେପି ୨୩ରୁ ୨୭, କଂଗ୍ରେସ ୧୩ରୁ ୧୫, ପିଡିପି ୭ରୁ ୧୧ ଓ ଅନ୍ୟାନ୍ୟ ଦଳ ୪ରୁ ୬ଟି ଆସନ ଜିତିବେ। ଦୈନିକ ଭାସ୍କର କହିଛି, କଂଗ୍ରେସ ଓ ଏନସି ୩୫ରୁ ୪୦, ବିଜେପି ୨୦ରୁ ୨୫, ପିଡିପି ୪ରୁ ୭ ଓ ଅନ୍ୟାନ୍ୟ ଦଳ ୧୨ରୁ ୧୮ଟି ଆସନ ଜିତିବେ। ରିପବ୍ଲିକ-ଗୁଲିସ୍ତାନ ନ୍ୟୁଜର ଏକଜିଟ ପୋଲରେ କୁହାଯାଇଛି ଯେ ଏନସି ୨୮ରୁ ୩୦, ବିଜେପି ୨୮ରୁ ୩୦, ପିଡିପି ୫ରୁ ୭, କଂଗ୍ରେସ ୩ରୁ ୬ ଓ ଅନ୍ୟାନ୍ୟ ଦଳ ୮ରୁ ୧୭ଟି ଆସନ ପାଇବେ। ଇଣ୍ଡିଆ ଟୁଡେ-ସି ଭୋଟର ପକ୍ଷରୁ କରାଯାଇଥିବା ଏକଜିଟ ପୋଲ କଂଗ୍ରେସ ଓ ଏନସି ସପକ୍ଷରେ ଯାଇଛି। ଏହି ସଂସ୍ଥା କହିଛି ଯେ ଉଭୟ ଦଳ ମିଳିତ ଭାବେ ୪୦ରୁ ୪୮, ବିଜେପି ୨୭ରୁ ୩୨, ପିଡିପି ୬ରୁ ୧୨ ଓ ଅନ୍ୟାନ୍ୟ ଦଳ ୬ରୁ ୧୧ଟି ଆସନ ପାଇପାରନ୍ତି।

## ଶିକ୍ଷକମାନେ ହେଉଛନ୍ତି ...

ଯଦିଓ ମୁଁ ଆଜି ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛି। କିନ୍ତୁ ମୁଁ ଶିକ୍ଷକ ଭାବେ ଅତୀତରେ କାମ କରିଛି। ଶିକ୍ଷକଙ୍କର ଗୁରୁତ୍ୱ ଭୂମିକାକୁ ଏଡାଇ ଦିଆଯାଇପାରିବ ନାହିଁ। ଓଡ଼ିଶାର ଭବିଷ୍ୟତ ଗଢ଼ିବା ପାଇଁ ସରକାର ନୂଆ ରୂପ ଦେବାକୁ ଉଦ୍ୟମ କରୁଛି। ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କିଛି ଲୋକଙ୍କ ଭାଗ୍ୟରେ ଥାଏ ବଡ଼ କାମ କରିବା ପାଇଁ। ଯେଉଁମାନେ ଶିକ୍ଷା କ୍ଷେତ୍ରରେ କାମ କରିବାକୁ ଚାହୁଁଛନ୍ତି ସେମାନଙ୍କ ହାତରେ ରାଜ୍ୟ ଓ ଦେଶର ଭବିଷ୍ୟତ ରହିଛି। ଜାତୀୟ ଶିକ୍ଷା ନୀତିରେ ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା ରହିଛି। ଆପଣମାନେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବେ। ଆପଣମାନେ ଭୀଷ୍ମ ପୀତାମହଙ୍କ ଭଳି କାର୍ଯ୍ୟକରିବେ। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ଭାଷାରେ ଶିକ୍ଷାଲାଭ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ସୁଭାଷ ଚନ୍ଦ୍ର ବୋଷ ବଡ଼ ମଣିଷ ହୋଇଥିଲେ। ତାଙ୍କୁ ମଧ କେହି ଜଣେ ଓଡ଼ିଆ ଶିକ୍ଷକ ପାଠ ପଢ଼ାଇଥିଲେ। ବିକଶିତ ଭାରତ ଗଠନରେ ଶିକ୍ଷକମାନଙ୍କର ଭୂମିକା ରହିଛି। ଏଥି ପାଇଁ ପ୍ରଥମେ ବିକଶିତ ଓଡ଼ିଶା ଗଠନ କରିବାକୁ ପଡ଼ିବ। ଆପଣମାନଙ୍କର ପ୍ରଶିକ୍ଷଣ ଉପରେ ବିକଶିତ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରଣ କରୁଛି। ଓଡ଼ିଶାରେ ଏବେ ସରକାରୀ ଓ ଘରୋଇ ବିଦ୍ୟାଳୟରେ ୩ ଲକ୍ଷ ୩୪ ହଜାର ଶିକ୍ଷକ ଅଛନ୍ତି। ଆଜି ୧୬ ହଜାର ନୂଆ ବିନ୍ଧାଣୀ ଯୋଗ ଦେଇଛନ୍ତି। ରାଜ୍ୟରେ ଏବେ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲରେ ୭୬ ଲକ୍ଷ ୪୯ ହଜାର ପିଲା ପାଠ ପଢୁଛନ୍ତି। ଆପଣମାନେ ବାଜି ରାଉତଙ୍କ ୯୨ତମ ଜୟନ୍ତୀ ଅବସରରେ ନୂଆ ଦାୟିତ୍ୱ ଗ୍ରହଣ କରୁଛନ୍ତି। ଏହା ଗୌରବର ବିଷୟ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଆଜି ଏକ ଐତିହାସିକ ଦିନ। ଭଲ ସମାଜ ଗଢ଼ିବାରେ ଶିକ୍ଷକମାନଙ୍କର ଭୂମିକା ରହିଛି। ଓଡ଼ିଶାର ବିକାଶରେ ଶିକ୍ଷକମାନଙ୍କର ଅବଦାନ ଅତୁଳନୀୟ। ଶିକ୍ଷକତା ଏକ ଗୁରୁତ୍ୱପୂର୍ଣ୍ଣ ପଦବି। ସମାଜରେ ଶିକ୍ଷକମାନଙ୍କର ପ୍ରତି ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଶିକ୍ଷକମାନେ କେବଳ ପାଠ ପଢ଼ାଉନାହାନ୍ତି। ବରଂ ଛୋଟ ପିଲାମାନଙ୍କୁ ଭବିଷ୍ୟତରେ ସୁନାଗରିକ କରିବା ଶିକ୍ଷକମାନଙ୍କ ହାତରେ ରହିଛି। କେନ୍ଦୁଝରର ନବନିଯୁକ୍ତ ଶିକ୍ଷୟିତ୍ରୀ ଚିନ୍ମୟୀ କର କହିଛନ୍ତି, ନିଜର ଚେଷ୍ଟା, କଠିନ ପରିଶ୍ରମ ଦ୍ୱାରା ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଆମେ ନିଷ୍ଠାର ସହିତ ଶିକ୍ଷାଦାନ କଲେ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଶାଳିନୀ ପଣ୍ଡିତ, ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ମଧ ଉପସ୍ଥିତ ଅଛନ୍ତି।

## ଓଏସଏସଏସସି ପରୀକ୍ଷାରେ...

ଏପଟେ ଆଜି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ କରି ସଂଗଠନ ଚେତାବନୀ ଦେଇଛି, ସରକାର ତୁରନ୍ତ ସେମାନଙ୍କ ଦାବି ନମାନିଲେ ଆସନ୍ତା ୭ ତାରିଖରେ ଲୋୟର ପିଏମଜିରେ ବଡ଼ ଧରଣର ଆନ୍ଦୋଳନ କରାଯିବ। ଓ' ଟ୍ରିପିଲ ଏସସି ଦ୍ୱାରା ପରିଚାଳିତ କମ୍ବାଇନ୍ଡ ଗ୍ରୁପ-ବି ଏବଂ ଗ୍ରୁପ-ସି ପରୀକ୍ଷା ପାଇଁ ସେପଟେମ୍ବର ୨୦ ତାରିଖଠାରୁ ଅନଲାଇନ୍ ପରୀକ୍ଷା ଜାରି ରହିଛି। ସବୁ ଜିଲ୍ଲାରେ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଛି ତାମିଲନାଡୁର ସିଫି ନାମକ ଏକ ଘରୋଇ ସଂସ୍ଥା। ଯେଉଁ ସଂସ୍ଥା ୨୦୨୨ରେ ଆୟୋଜିତ ଏସଏସସି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ ମାମଲାରେ କଳାତାଲିକା ଭୁକ୍ତ ହୋଇଥିଲା। ଆଉ ଏହାର ଦୁଇ ବର୍ଷ ଭିତରେ ନିର୍ଦ୍ଦିଷ୍ଟ ସେହି ସଂସ୍ଥା ବିଭିନ୍ନ ଜିଲ୍ଲାରେ ଜନଗହଳିପୂର୍ଣ୍ଣ ମାର୍କେଟ୍ କଂପ୍ଲେକ୍ସ, ସାଇବର କାଫେ ଆଦି ସ୍ଥାନରେ ପରୀକ୍ଷା ଆୟୋଜନ କରୁଛି। ଏଭଳି ଏକ ବ୍ଲାକ ଲିଷ୍ଟେଡ୍ ସଂସ୍ଥାକୁ ପୁଣି କେଉଁ ପରିସ୍ଥିତିରେ ଓ ଟ୍ରିପଲ ଏସସି ପରୀକ୍ଷା ଆୟୋଜନ କରିବାକୁ ଅନୁମତି ଦିଆଗଲା, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶିକ୍ଷାବିତ୍। ଏପଟେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ସଂପୃକ୍ତ ସଂସ୍ଥା ବ୍ଲାକ୍ ଲିଷ୍ଟେଡ୍ ହୋଇଥିଲେ ଏହାକୁ ହଟାଇ ଦିଆଯିବ। ତ୍ରୁଟି ବିଚ୍ୟୁତି କେତେଦୂର ହୋଇଛି ଓ ଏହା ଫଳାଫଳ ଉପରେ କେତେଦୂର ପ୍ରଭାବ ପକାଇବ ତାକୁ ଅନୁଧ୍ୟାନ କରି ସରକାର ନିଷ୍ପତ୍ତି ନେବେ। ଆରଆଇ, ଏଆରଆଇ, ଅମିନ, ଆଇସିଡିଏସ ସୁପରଭାଇଜର, ଝରଝ ପଦବିରେ ନିଯୁକ୍ତି ଲାଗି ରାଜ୍ୟରେ ୫ ଲକ୍ଷରୁ ଅଧିକ ପିଲା ପରୀକ୍ଷା ଦେଉଛନ୍ତି। ଏତେ ସଂଖ୍ୟାରେ ପିଲାଙ୍କ ଭବିଷ୍ୟତ ସହ ଜଡିତ ଥିବା ପରୀକ୍ଷା ପରିଚାଳନା ବିବାଦକୁ ଆସିବା ପରେ, କଣ ରହିବ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ ତା ଉପରେ ସମସ୍ତଙ୍କ ନଜର।

## ତେଜିଲା ରାଜଭବନକୁ ଟାର୍ଗେଟ୍ ପଲିଟିକ୍ସ...

ତେଜିଲା ରାଜନୈତିକ ବିବାଦ। ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁଙ୍କୁ ବି ବିଜେଡି ବିବାଦକୁ ଟାଣିବା ପରେ ପ୍ରତିକ୍ରିୟା ପ୍ରକାଶ କରିଛି ଭେଙ୍କେୟାଙ୍କ କାର୍ଯ୍ୟାଳୟ। ଦୁଇ ଦିନ ଧରି ରାଜଭବନକୁ ଟାର୍ଗେଟ କରିବା ସହ ଏହି ଭେଟଘାଟକୁ ଏକ ରାଜନୈତିକ ପ୍ରସଙ୍ଗ ତିଆରି କରିବାକୁ ଉଦ୍ୟମ କରୁଛି। ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ବିଜେଡି ରାଜଭବନକୁ ଟାର୍ଗେଟ କରିଥିଲା। ଗତକାଲି କଂଗ୍ରେସ ବି ଆଣିଥିଲା ସମାନ ଅଭିଯୋଗ। ବିରୋଧୀ ଅଭିଯୋଗ କରିଛନ୍ତି, ରାଜଭବନ ରାଜନୈତିକ ହବ ପାଲଟିଛି। ହିମନ୍ତ ଏବଂ ଭେଙ୍କେୟାଙ୍କ ଗସ୍ତକୁ ନେଇ ବି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ଯାହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଭେଙ୍କେୟାଙ୍କ ଅଫିସ୍ ପକ୍ଷରୁ କୁହାଯାଇଛି ପୂର୍ବତନ ଉପରାଷ୍ଟ୍ରପତି ଏକ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାକୁ ଓଡିଶା ଗସ୍ତରେ ଆସିଥିଲେ। ପ୍ରୋଟୋକଲ ଅନୁସାରେ ରାଜଭବନରେ ରହିଥିଲେ। ରାଜ୍ୟପାଳଙ୍କ ସହ ସାକ୍ଷାତ ସୌଜନ୍ୟମୂଳକ ଥିଲା, କୌଣସି ରାଜନୈତିକ ଅଲୋଚନା ହୋଇନାହିଁ। ଏହାକୁ ଅଯଥା ରାଜନୈତିକ ରଙ୍ଗ ଦେବା ଉଚିତ ନୁହେଁ। ସେପଟେ ବିଜେପି ବିଧାୟକ ମାନସ ଦତ୍ତ କହିଛନ୍ତି, ରାଜନୀତିରେ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାରେ ବିଜେଡି ସିଦ୍ଧହସ୍ତ। ବିଜେଡି ସରକାରରେ କେଉଁଭଳି ଅଫିସରମାନେ ସରକାରର ହାତବାରିସୀ ସାଜିଥିଲେ, କେଉଁଭଳି ପ୍ରୋଟକଲ୍ ଭଙ୍ଗା ଯାଉଥିଲା ତାହା ସମସ୍ତେ ଦେଖିଛନ୍ତି।ଏଣେ ସମାନ ଅଭିଯୋଗ ଦୋହରାଇଛନ୍ତି ବିଜେଡି ଓ କଂଗ୍ରେସ। ଗତ ୨୭ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସି ରାଜଭବନରେ ରାଜ୍ୟପାଳଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ ଆସାମ ମୁଖ୍ୟମୁନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ସାକ୍ଷାତ ସଂପୂର୍ଣ୍ଣ ବ୍ୟକ୍ତିଗତ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ଅବସରରେ ହିମନ୍ତଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିପରି ୨୭ ତାରିଖରେ ଦୁଇ ଦିନିଆ ଗସ୍ତରେ ଆସି ରାଜଭବନରେ ରହିଥିଲେ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ। ସୂଚନାଯୋଗ୍ୟ ଯେ, ହିମନ୍ତ ବିଶ୍ୱଶର୍ମା ଝାଡଖଣ୍ଡ ବିଜେପିର ସହପ୍ରଭାରୀ ଅଛନ୍ତି। ହିମନ୍ତଙ୍କ ଗସ୍ତ ପରେ ୩୦ ତାରିଖରେ ଦୁଇ ଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ତାପରେ ତେଜିଥିଲା ବିବାଦ। ଝାଡଖଣ୍ଡ ନିର୍ବାଚନ ପୂର୍ବରୁ ସେହି ଭେଟଘାଟକୁ ନେଇ ଆରମ୍ଭ ହୋଇଥିଲା ରାଜନୀତି। ତେବେ ଏହି ବିବାଦରେ ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ଟାଣିବାକୁ ନାପସନ୍ଦ କରିଛନ୍ତି ରାଜନୈତିକ ସମୀକ୍ଷକ। ପୂର୍ବରୁ ବି ଜଣେ ଇଝଙଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ପ୍ରସଙ୍ଗରେ ଜୋର ଧରିଥିଲା ରାଜନୀତି। ତେବେ କାହିଁକି ବାରମ୍ବାର ରାଜଭବନକୁ ନେଇ ରାଜନୀତି କରିବାକୁ ଚାହୁଁଛି ବିଜେଡି ? କାହିଁକି ରାଜ୍ୟପାଳଙ୍କୁ ନେଇ ବିବାଦ କରିବାକୁ ଚେଷ୍ଟା କରୁଛି ଦଳ ? ସରକାର ପରିବର୍ତ୍ତନ ପଛରେ ରାଜ୍ୟପାଳଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଚର୍ଚ୍ଚା ହେଉଥିବା ବେଳେ ପୁରୁଣା ରାଗ ସୁଝୋଉଛି କି ବିଜେଡି ? ଏବେ ଏହାକୁ ନେଇ ଚର୍ଚ୍ଚା।

## ମାଓ ପ୍ରଭାବିତ ରାଜ୍ୟର...

ମାସରେ ୭୨୩ ଜଣ ଏଲଡବ୍ଲୁଇ କ୍ୟାଡର ଆତ୍ମସମର୍ପଣ କରିଥିବା ବେଳେ ୮୧୨ ଜଣଙ୍କୁ ଗିରଫ କରାଯାଇଛି । ୨୦୨୪ରେ ଏଲଡବ୍ଲୁଇ ପ୍ରଭାବିତ ଜିଲ୍ଲା ସଂଖ୍ୟା ମାତ୍ର ୩୮କୁ ଖସି ଆସିଛି। କେନ୍ଦ୍ର ସରକାର କ୍ଷତିଗ୍ରସ୍ତ ରାଜ୍ୟର ଦୁର୍ଗମ ଅଂଚଳରେ ଉନ୍ନୟନମୂଳକ ଯୋଜନା ପହଞ୍ଚାଇବା ପାଇଁ ସଡ଼କ ଏବଂ ମୋବାଇଲ ଯୋଗାଯୋଗକୁ ପ୍ରୋତ୍ସାହନ ଦେବା ସମେତ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଲଡବ୍ଲୁଇ ପ୍ରଭାବିତ ଅଂଚଳରେ ବର୍ତ୍ତମାନ ସୁଦ୍ଧା ୧୪୪୦୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି ଏବଂ ପାଖାପାଖି ୬୦୦୦ ମୋବାଇଲ ଟାୱାର ଲଗାଯାଇଛି ।

ରବିବାର, ୦୬ ଅକ୍ଟୋବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ବାଲିଆପାଳ , ୦୫/୧୦ (ନି.ପ୍ର): ଶାରଦୀୟ ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ସହିତ ବାଲିଆପାଳ ବ୍ଲକର ସମସ୍ତ ସ୍ଥାନରେ ଯେପରି ଶାନ୍ତି ଶୃଙ୍ଖଳାରେ ପୂଜା ଅନୁଷ୍ଠିତ ହେବ ସେ ନେଇ ଶୁକ୍ରବାର ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି।ବାଲିଆପାଳ ଥାନାର ଭରପ୍ରାପ୍ତ ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା,ତହସିଲଦାର ଜନକ କୁମାର ନାୟକ ପ୍ରମୁଖ ଯୋଗଦେଇ ସବୁ ସ୍ଥାନରେ ଯେପରି ଶାନ୍ତି ଶୃଙ୍ଖଳାରେ ଚଳିତ ଦୁର୍ଗାପୂଜା ଅନୁଷ୍ଠିତ ହେବ ସେ ସମ୍ପର୍କ ରେ ପରାମର୍ଶ ଦେଇଥିଲେ। ରାବଣପୋଡ଼ି ମଧ କିପରି ଭଲରେ କରାଯିବ ସେ ଦିଗରେ ପୂଜା କମିଟିର କର୍ମ କର୍ତ୍ତାଙ୍କ ସହଯୋଗ କାମନା କରିଥିଲେ।ତହସିଲଦାର ଶ୍ରୀ ନାୟକ ସରକାରଙ୍କ ଦୁର୍ଗାପୂଜା ନିୟମ ବିଷୟରେ ବିଷଦ ଭାବରେ ବର୍ଣ୍ଣନା କରିଥିଲେ।ଚଳିତ ଦୁର୍ଗାପୂଜାରେ ସବୁଠାରେ ଗହଳି ଚହଳି ଲାଗିବ ବୋଲି ପୂଜା କମିଟିର କର୍ମକର୍ତ୍ତା ମାନେ କହିଥିଲେ।ତଥାପି ସବୁ ଦିଗରେ ପୂଜା କମିଟି ସଜାଗ ରହି ପ୍ରଶାସନକୁ ସହଯୋଗ କରି ପୂଜା ସମାପନ କରିବେ ବୋଲି ମଧୁପୁରା ପୂଜା କମିଟିର ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ, ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ସମିତି ସଦସ୍ୟ ସୁଶାନ୍ତ ସେଠୀ , ରତେଇ କମିଟିର ସଦସ୍ୟ ଶ୍ରୀମନ୍ତ ମହାନ୍ତି, ଅଦଭୁତିଆ ପୂଜା କମିଟି ର ସଦସ୍ୟ ଅନାଦି ଚରଣ ବିଶ୍ୱାଳ,ବଡ଼ାଶ ପୂଜା କମିଟିର ସଭାପତି ଚକ୍ରଧର କର, ବଡ଼ାପିଳ ପୂଜା କମିଟି ର ସଦସ୍ୟ ହରେକୃଷ୍ଣ ଜେନା,ସୁବର୍ଣ୍ଣରେଖା ପ୍ରେସ କ୍ଲବର ଡ଼ଃ ସୁକାନ୍ତ କୁମାର ଗିରି, ସାମ୍ବାଦିକ ସନ୍ୟାସ ବେହେରା, ସାମ୍ବାଦିକା କବିତା ଗିରି ପ୍ରମୁଖ ମତ ରଖିଥିଲେ।ସମସ୍ତ ପୂଜା କମିଟି ପକ୍ଷରୁ ପରିଚୟ ପତ୍ର ଦିଆଯାଇ ସ୍ୱେଚ୍ଛାସେବୀମାନଙ୍କୁ ରଖିବା ପାଇଁ ଆଇଆଇସି ଶ୍ରୀ ସ୍ୱାଇଁ ପୂଜା କମିଟି କର୍ମକର୍ତ୍ତାଙ୍କୁ କହିଥିଲେ।ବାଲିଆପାଳ ବ୍ଲକରେ ଚଳିତବର୍ଷ ୩୦ ରୁ ଅଧିକ ସ୍ଥାନରେ ପୂଜା ହେଉ ଥିବା ଜଣା ଯାଇଛି। ଯେପରି କୌଣସି ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ ପୁଲିସ ପ୍ରଶାସନ, ବିଦ୍ୟୁତ ବିଭାଗ,ଅଗ୍ନିଶମ ବିଭାଗ ସଜାଗ ରହିବା ?

## ଜିଲ୍ଲାସ୍ତରୀୟ ପି-ଏମ କିଷାନ ଉତ୍ସବ ଦିବସ ପାଳନ

### ଜିଲ୍ଲାର ୨,୧୦,୯୬୩ ଜଣ ଚାଷୀ ହେବେ ଲାଭାନ୍ୱିତ



ବାଲେଶ୍ୱର, ୦୫/୧୦ (ନି.ପ୍ର): ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ୱାସିମ ସହରଠାରେ ଆୟୋଜିତ ପି-ଏମ କିଷାନ ସମାରୋହରେ ଦେଶର ୯କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦୦୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି ଓ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପି-ଏମ କିଷାନ ଉତ୍ସବ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦର ମାନ୍ୟବର ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ୱାସିମ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ୨,୧୦,୯୬୩ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହେବ ବୋଲି ସୂଚନା ଦିଆଯାଇଛି ଓ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ। ଏଠାରେ ସୂଚନା ଥାଉ କି, କୃଷକମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପି-ଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନି ଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇ ଥାଏ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ପ୍ରମୋଦିନୀ ବାରିକଙ୍କୁ ଆଶିର୍ବାଦ ପ୍ରଦାନ

ରୂପସା , ୦୫/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ,ମଞ୍ଜୁଲତା ବେହେରାଙ୍କ ସଭାପତିତ୍ୱରେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମ ଯୋଗୀ ପରମାନନ୍ଦ ମୁନିଙ୍କ ମଧ୍ୟମା କନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକଙ୍କ ୪୫ତମ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ତାଙ୍କର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ମୁନି ସମାଜର ଯମ ନିୟମ ପାଳନ କରି, ପ୍ରତିଦିନ ଯୋଗ ସାଧନ କରି ଚାଲିଲେ, ଜଣେ ନିଶ୍ଚୟ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରିପାରିବ, ଏହା



ସମସ୍ତ ବକ୍ତାମାନେ ପ୍ରକାଶକରିଥିଲେ। କଣ୍ଠଶିଳ୍ପୀ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ। ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳାଲେଙ୍କା, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିମତୀ ପୂର୍ଣ୍ଣିମା ବର, ମୁନିମତୀ ଫୁଲମଣୀ ବେହେରା , ମୁନିରାଜ ରଘୁନାଥ ବେହେରା, ମୁନି ଜଗବନ୍ଧୁ ବର ପ୍ରମୁଖ। ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ବାଲିଆପାଳ ବ୍ଲକ କୃଷି କାର୍ଯ୍ୟାଳୟରେ ପିଏମ କିଷାନ ସମ୍ମାନ ନିଧିର ୧୮ ତମ କିସ୍ତି ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ



ବାଲିଆପାଳ/ଲଙ୍ଗଳେଶ୍ୱର, ୦୫/ ୧୦ (ନି.ପ୍ର): ଯଶଶ୍ରୀ ପ୍ରଧାନମନ୍ତ୍ରୀ ଶ୍ରଯୁକ୍ତ ନରେନ୍ଦ୍ର ମୋଦୀ ଶୁକ୍ରବାର କୃଷକ ମାନଙ୍କର ଉନ୍ନତି ପାଇଁ ପି ଏମ କିଷାନ ସମ୍ମାନ ନିଧି ଯୋଜନାର ୧୮ ତମ କିସ୍ତି କୃଷକ ମାନଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସାର ଦେଶରେ ସମସ୍ତ ବ୍ଲକର କୃଷକ ମାନେ ନିଜ ନିଜ ଅଞ୍ଚଳରେ କୃଷି କାର୍ଯ୍ୟାଳୟ ରେ ଦୂର୍ଭାସ ମାଧ୍ୟମ ସିଧାସଳଖ ଦେଖିବା ସହିତ କାର୍ଯ୍ୟ କ୍ରମ ରେ ସାମିଲ ହୋଇ ଖୁସି ମନାଇ ଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୃଷି କାର୍ଯ୍ୟାଳୟ ରେ ଆଜି ମଧାହ୍ନ ରେ କାର୍ଯ୍ୟାଳୟର ସଭା ଗୃହରେ ଦୂରଭାସ ମଧ୍ୟରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି ପି ଏମ କିଷାନ ସମ୍ମାନ ନିଧି ଯୋଜନାର ୧୮ ତମ କିସ୍ତି କୃଷକ ମାନଙ୍କୁ ହସ୍ତାନ୍ତର କରୁଥିବା ଉତ୍ସବକୁ ବ୍ଲକ କୃଷି ଅଧିକାରିଣୀ ରଞ୍ଜିତା ପାତ୍ର ରିମୋଟର ସୁଇଚ ଦବାଇ ଉଦଘାଟନ କରିଥିଲେ । ଏହି ଉତ୍ସବରେ ବାଲିଆପାଳ ବ୍ଲକର ବହୁ କୃଷକ ମାନେ ସିଧା ସଳଖ ଏହି କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇବା ସହିତ ବ୍ୟାଙ୍କ ଏକାଉଣ୍ଟ୍ ୧୮ ତମ କିସ୍ତି ଟଙ୍କା ଆସିଥିବାରୁ ମାନ୍ୟବର ପ୍ରଧାମନ୍ତ୍ରୀ ମୋଦୀ ଜି ଙ୍କୁ ଧନ୍ୟବାଦ ଅର୍ପଣକରି ଖୁସି ମନାଇ ଥିଲେ।ଏହି କାର୍ଯ୍ୟକ୍ରମ ରେ ବାଲିଆପାଳ ବ୍ଲକ ସହକାରୀ କୃଷି ଅଧିକାରୀ ଲଛମନ ଟୁଡୁ , କୃଷି ଓଭରସିୟର କାର୍ତ୍ତିକ ଜେନା ଙ୍କ ସହିତ କୃଷି କର୍ଯ୍ୟକାୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗରିବଙ୍କୁ ଫଳ ବାଣ୍ଟିଲେ ଟିକା ଭାଇ

ବାସୁଦେବପୁର, ୦୫/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ଠାରେ ରାମ ଚନ୍ଦ୍ର ଜେନା, ଡାକ ନାମ ଟିକା ଭାଇ ର ବାସ ଭବନ। ଗରିବ ଲୋକ ହୋଇ ଟିକା ଭାଇ ଚାଳ ଛପର ଘରେ ରହି ଏବେ ମଧ ଗରିବ ଲୋକଙ୍କ ବନ୍ଧୁ ହୋଇ ସମାଜ ସେବା କରନ୍ତି । ଅନେକ ସମୟରେ ନିଜ ପକେଟ୍ ରୁ ପଇସା ଖର୍ଚ୍ଚ କରି ଟିକା ଭାଇ ରୋଗୀ ମାନଙ୍କୁ ଓ ଗରିବ ଲୋକଙ୍କୁ ଫଳ ଖାଇ ବାକୁ ଦେଇଥାନ୍ତି । ବୟସ ତାଙ୍କର ୬୩ । ଟିକା ଭାଇ ଦିନ ମଜୁରିଆ ହେଲେ ମଧ ଅଧିକାଂଶ ସମୟରେ ନିଜେ ସାଇକେଲ ଚଳାଇ ପଚାଶ ଷାଠିଏ କିଲୋ ମିଟର ପର୍ଯ୍ୟନ୍ତ ଯାଆନ୍ତି ଲୋକଙ୍କ ସେବା କରିବା ପାଇଁ। ଏବେ ସମସ୍ତେ ସରକାରଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇଥିଲେ ମଧ ଟିକା ଭାଇ ସରକାରୀ ସାହାଯ୍ୟ ପାଇବାରୁ ବଞ୍ଚିତ ଅଛନ୍ତି । ଭତ୍ତା ମଧ ସେ ପାଉ ନାହାଁନ୍ତି । ତେଣୁ ଏହି ପରିସ୍ଥିତିରେ ଅନେକ ଅନୁଷ୍ଠାନ, ସମାଜସେବୀ ଓ ରାଜନୈତିକ ନେତୃବର୍ଗ ଶ୍ରୀ ରାମ ଚନ୍ଦ୍ର ଜେନା ଓରଫ୍ ଟିକା ଭାଇ ଙ୍କୁ କିଛି ସାହାଯ୍ୟ ସହଯୋଗ କଲେ ସେ ନିଶ୍ଚିତ ଅଧିକ ଶକ୍ତିଶାଳୀ ହୋଇ ଗରିବ ଲୋକଙ୍କ ସେବା କରି ପାରନ୍ତେ। ତଥାପି ଟିକା ଭାଇ କୁହନ୍ତି ଜୀବନ ଥିବା ପର୍ଯ୍ୟନ୍ତ ମୁଁ ସମାଜସେବା ଜାରି ରଖିବି ଓ ଦୁଃଖୀ ଗରିବ ଲୋକଙ୍କ ସେବା କରିବି ।



## ‘ମାସ୍’ ପକ୍ଷରୁ ବାଲେଶ୍ୱର ବସଷ୍ଟାଣ୍ଡ ସଫେଇ

ବାଲେଶ୍ୱର, ୦୫/୧୦ (ନି.ପ୍ର): ସେବା ଓ ପ୍ରତିକାରମୂଳକ ସାମାଜିକ ସଂଗଠନ 'ମାନବ ଅଧିକାର ସୁରକ୍ଷା ସଂସଦ'(ମାସ୍) ପକ୍ଷରୁ ପାଳିତ ହେଉଥିବା 'ଗାନ୍ଧୀ ଜୟନ୍ତୀ ସପ୍ତାହ ପାଳନ' ଉପଲକ୍ଷେ ୫ ତାରିଖ ସକାଳେ ବାଲେଶ୍ୱର ବସ୍ ଷ୍ଟାଣ୍ଡ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ 'ବାଲେଶ୍ୱର ମୋଟର ଆସୋସିଏସନ୍' । ସଫେଇ ପୂର୍ବରୁ 'ରାମଧୂନ୍' ପରିବେଷଣ କରାଯିବା ସହିତ ସେଠାରେ ମାଲିକ ସଂଘ ପକ୍ଷରୁ ଆୟୋଜିତ ଏକ ସଭାରେ ଉପସ୍ଥିତ ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛତା ସଂପର୍କରେ ବାର୍ତ୍ତା ଦେଇ କହିଥିଲେ ଯେ ଗାନ୍ଧୀଜୀ ଥିଲେ ସ୍ୱଚ୍ଛତାର ପ୍ରତୀକ । ସେଥିପାଇଁ ଗାନ୍ଧୀଙ୍କର ଜନ୍ମଦିନ ଠାରୁ ଭାରତ ସରକାର 'ସ୍ୱଚ୍ଛ ଭାରତ ଅଭିଯାନ' ଆରମ୍ଭ କରିଥିଲେ । ବସଷ୍ଟାଣ୍ଡକୁ ସବୁବେଳେ ସଫା ରଖିବା ଏବଂ ଅଳିଆ ଆବର୍ଜନାକୁ ସବୁବେଳେ ପାଖ ଅଳିଆରଖା ସ୍ଥାନରେ ପକେଇବା ଲାଗି ଯାତ୍ରୀ ତଥା ଅନ୍ୟ ସର୍ବସାଧାରଣଙ୍କ କର୍ତ୍ତବ୍ୟ ବୋଲି



ସମସ୍ତେ ମତ ରଖିଥିଲେ । 'ମାସ୍'ର ସଭାପତି ଅଭୟ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହାର ସାଧାରଣ ସଂପାଦକ ଦେବାଶିଷ ପଣ୍ଡା, ସଂଗଠନର ଶାଖା 'ଗାନ୍ଧୀବାଦ ଓ ସର୍ବୋଦୟ ବିଚାର ପ୍ରଚାର ଅଭିଯାନ'ର ସଂଯୋଜିକା ପ୍ରତିମା ପଣ୍ଡା, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ମୋଟର ଆସୋସିଏସନର ଉପଦେଷ୍ଟା ଗଣେଶ ଜେନା, ଷ୍ଟାଣ୍ଡ ସେକ୍ରେଟାରୀ ସଞ୍ଜୀବ ପଟ୍ଟନାୟକ ଓ ବୁରହାନ ହୁ ଜମାନ୍, ଅଫିସ ସେକ୍ରେଟାରୀ ସୁରେଶ ଜେନା, ଆସାଷ୍ଟାଣ୍ଟ ଜେନେରାଲ୍ ସେକ୍ରେଟାରୀ କମଳାକାନ୍ତ ଦାଶ, 'ମାସ୍'ର ବରିଷ୍ଠ ସଦସ୍ୟ ବିଜୟ ଦାସ ଅଧିକାରୀ, ଶ୍ରଦ୍ଧାଞ୍ଜଳି ରାୟ, ମଞ୍ଜୁଳତା ବଳ, ଚିତ୍ତରଞ୍ଜନ ଦାସ, ପ୍ରଣିତା ମିଶ୍ର, ଗୁରୁଦତ୍ତ ମିଶ୍ର , ବିଦ୍ୟାଧର ନାୟକ, ଦେବାଶିଷ ସିଂ, ଲଳିତ ମୋହନ ଦାସ,ମିନତି ଦାସ ଏବଂ ସୀତାନାଥ ଦାସ । ଏହି କାର୍ଯ୍ୟରେ ସହଯୋଗ କରିଥିଲେ ଷ୍ଟାଣ୍ଡ ହକର୍ କୁନା ମହାପାତ୍ର, ରୟାଲଟି ଏଜେଣ୍ଟ ଭାସ୍କର ମହାନ୍ତି ଏବଂ ଭରତ କବାଟ ।

## ମଦ ବେପାରୀଙ୍କୁ ବିରୋଧ

ବସ୍ତା , ୦୫/୧୦ (ନି.ପ୍ର): ମଦ ବିକ୍ରି ଓ ମଦ ପିଇବା କୁ ବିରୋଧ କରି ସାହିରେ ବୈଠକ । ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ ଆଗମଉଦା ପଲା ସାହିରେ କିଛି ଯୁବକ ନୀତି ମଦ ବେପାର କରୁଥିଲେ । କିଛି ଅ ସାମାଜିକ ଯୁବକ ନୀତି ମଦ ପିଇ ଗ୍ରାମରେ ପାଟିତୁଣ୍ଡ କରୁଥିଲେ । ଏ ସବୁକୁ ବିରୋଧ କରି ପୂର୍ବତନ ଜିଲ୍ଲା ପରିଷଦ ବରଦା ପ୍ରସନ୍ନ ପଟ୍ଟନାୟକ, ସମାଜସେବୀ ତପନ କୁମାର ନାୟକ ଓ ଆଗମୌଦା ଗାଁ ର ୱାର୍ଡ ମେମ୍ବର ଜଗନ୍ନାଥ ବେହେରା ସମସ୍ତଙ୍କୁ ବୁଝାବୁଝି କରିଥିଲେ । ଆଗାମୀ ଦିନରେ ସାହି ରେ କେହିବି ମଦ ବିକ୍ରି କରିବେନି କି ପିଇବା ନାହିଁ ବୋଲି ସମସ୍ତେ ଶପଥ ନେଇଥିଲେ ।

## ଜାତୀୟ ସ୍ତରୀୟ ଭଲିବଲ ଉତ୍ସବରେ ମୟୂରଭଞ୍ଜ ଦଳର ଅଂଶ ଗ୍ରହଣ



ବାରିପଦା , ୦୫/୧୦ (ନି.ପ୍ର): ଭୁବନେଶ୍ୱର ସ୍ଥିତ କିଟ ଓ କିସ ପରିସରରେ ଜାତୀୟ ସ୍ତରୀୟ ଭଲିବଲ ଉତ୍ସବରେ ମୟୁରଭଞ୍ଜର ମା କିଚକେଶ୍ୱରୀ ଭଲିବଲ ଏକାଡେମୀର ୨୪ ଜଣିଆ ଦଳ ଅଂଶ ଗ୍ରହଣ କରିଥିଲେ ଓ ଏହି ଉତ୍ସବରେ ୧୪ ଓ ୧୬ ବର୍ଷରୁ କମ ବର୍ଗର ଖେଳାଳି ଅଂଶ ଗ୍ରହଣ କରିଥିବା ବେଳେ ଏହା ଚଳିତ ମାସ ୩ ରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ଜିଲ୍ଲାର ବିଭିନ୍ନ ଅଂଚଳକୁ ଯାଇ ଖେଳାଳି ଚୟନ କରିଥିବା ବେଳେ ପୂର୍ବତନ ଜାତୀୟ ଖେଳାଳି ଦୀପକ ବେହେରା ଓ ଅନିଲ କୁମାର ଗିରି ଏବଂ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଭଲିବଲ ସମ୍ପାଦକ ତାଙ୍କୁ ସହଯୋଗ କରିଥିଲେ ଓ ଦଳ ସହିତ କୋଚ ଓ ମ୍ୟାନେଜର ଭାବେ ଦେବାଶିଷ ସେଠୀ, ରୋହିତ ମହାନ୍ତି ଓ ଅବିନାଶ କୁମାର ସାମିଲ ଥିଲେ।

## ପି.ଏମ୍. କିଷାନ୍‌ର ୧୮ ତମ କିସ୍ତି ହସ୍ତାନ୍ତର ଉତ୍ସବର ସିଧା ପ୍ରସାରଣ କାର୍ଯ୍ୟକ୍ରମ

ଭଦ୍ରକ, ୦୫/୧୦ (ନି.ପ୍ର): ୨୦୧୮ ମସିହା ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇ ଆସୁଥିବା ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୧୮ତମ କିସ୍ତି ଟଙ୍କା ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ରର ୱାସିମ୍ ଠାରେ ଆୟୋଜିତ ଜାତୀୟ ସ୍ତରର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ହସ୍ତାନ୍ତର ଉତ୍ସବର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ସ୍ତରରେ ସଂସ୍କୃତି ଭବନଠାରେ ଜିଲ୍ଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତି କରଣ ଦିଗରେ ପି.ଏମ୍. କିଷାନ ଯୋଜନାର ଉପାଦେୟତା ଉପରେ



ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବିଜ୍ଞାନିକ ଡ. ସଂଜୟ କୁମାର ମହାନ୍ତି, ପ୍ରାକ୍ତନ ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଥିଲେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗଣେଶ ଚନ୍ଦ୍ର ମାଝୀ। ମଞ୍ଚ ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା। ସୂଚନା ଯୋଗ୍ୟ କି ପି.ଏମ୍. କିଷାନ ଯୋଜନା ଏକ କେନ୍ଦ୍ରୀୟ ଯୋଜନା। ଏହି ଯୋଜନାରେ ଜମି ଧାରୀ କୃଷକ ମାନଙ୍କ ଚାଷ କାର୍ଯ୍ୟ ନିମନ୍ତେ ବିଭିନ୍ନ କୃଷି ସାମଗ୍ରୀ କ୍ରୟ ଜନିତ ବ୍ୟୟ ବାବଦକୁ ବର୍ଷ ମଧ୍ୟରେ କିସ୍ତି ପିଛା ୨ ହଜାର ଟଙ୍କା ହିସାବରେ ମୋଟ ୩ କିସ୍ତିରେ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତ ବର୍ଷଠାରୁ ସହରାଞ୍ଚଳରେ ବାସ କରୁଥିବା ଜମିଧାରୀ କୃଷକଙ୍କୁ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ସହିତ ମଧ୍ୟମ ଓ ବଡ଼ କୃଷକଙ୍କୁ ମଧ ଏହି ଯୋଜନାରେ ସାମିଲ କରାଯାଇଛି। ୧୮ ତମ ପି.ଏମ୍. କିଷାନ କିସ୍ତି ହସ୍ତାନ୍ତର ଉତ୍ସବକୁ ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଜରିଆରେ ପାଳନ କରାଯାଇଛି। ଜିଲ୍ଲା ସ୍ତରୀୟ ଉତ୍ସବରେ ହିତାଧିକାରୀ ଭାବେ ଶହେ କୃଷକ ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଭଦ୍ରକ ଜିଲ୍ଲାରେ ମୋଟ ୧ ଲକ୍ଷ ୫୧ ହଜାର ୬୪୨ ଜଣ ଜମିଧାରୀ କୃଷକଙ୍କୁ ୨ ହଜାର ଟଙ୍କା ଲେଖାଁଏ ସହାୟତା ରାଶି ପ୍ରଦାନ କରାଗଲା। ସହକାରୀ କୃଷି ଅଧିକାରୀ ସତ୍ୟଜିତ୍ ସେଠୀ, କୃଷି ଓଭରସିଅର ଅଭିମନ୍ୟୁ ପରିଡ଼ା, ସହକାରୀ କୃଷି ନିର୍ଦ୍ଦେଶକ, ତିଳୋତ୍ତମା ମହାକୁଡ଼ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ। ସହକାରୀ ନିର୍ଦ୍ଦେଶକ କୃଷି ତଥା ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ବିଶ୍ୱରଞ୍ଜନ ରାଉତ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଲିଫ ସାମଗ୍ରୀ ହିତାଧିକାରୀ ପାଉ ନଥିବାରୁ ପ୍ରତିବାଦକାରୀଙ୍କ ଧାରଣା

ବାଲିଆପାଳ/ଲଙ୍ଗଳେଶ୍ୱର, ୦୫/୧୦ (ନି.ପ୍ର): ରିଲିଫ ବଣ୍ଟନର ବ୍ୟାପକ ଅନିୟମିତତାକୁ ନେଇ ଅଭିଯୋଗରେ ଜାମକୁଣ୍ଡା ପଞ୍ଚାୟତ ଅଫିସରେ ତାଲା ପକାଇ ଧାରଣାରେ ବସିଲେ ୧୫ ନଂ ୱାର୍ଡର ଗ୍ରାମବାସୀ। ସୁଚନା ଅନୁଯାୟୀ ବିଗତ ଦିନରେ ସୁବର୍ଣ୍ଣ ରେଖା ବନ୍ୟାରେ ପ୍ରଭାବିତ ହୋଇଥିବା ବାଲିଆପାଳ ବ୍ଲକରେ ୮ ଗୋଟି ପଞ୍ଚାୟତରେ ରିଲିଫ ଏବଂ ପଲିଥିନ ବଣ୍ଟନରୁ ବଞ୍ଚିତ କରାଯାଉଥିବାକୁ ନେଇ ଜାମକୁଣ୍ଡା ପଞ୍ଚାୟତ ର ୧୫ ନଂ ୱାର୍ଡ ର ଗ୍ରାମବାସୀ ଅଭିଯୋଗ ଆଣି ସରପଞ୍ଚଙ୍କ ପ୍ରତିନିଧି ଜଗନ୍ନାଥ ମାହାନା ଙ୍କୁ ଆଜି ଅଟକ ରଖିଥିଲେ। ଏନେଇ ଶ୍ରୀ ମାହାନା ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିବା କଥା ଗଣମାଧ୍ୟମକୁ କହିଛନ୍ତି ।ଯଥାଶୀଘ୍ର ପଲିଥିନ ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେଇଛି।



## ବାଘମରା ବେଆଇନ୍ ଚୋରାପଥର ଖାଦାନରେ ଗଚ୍ଛିତ ପଥରକୁ ପ୍ରକାଶ୍ୟରେ ନିଲାମ କଲେ ଉଭୟ ରାଜସ୍ୱ ଓ ମାଇନିଂ ଅଧିକାରୀ

ନୀଳଗିରି , ୦୫/୧୦ (ନି.ପ୍ର): ନୀଳଗିରି ତହସିଲ ଅଧିନସ୍ଥ ବାଘମରା ପଥର ଖାଦାନ ଦୀର୍ଘଦିନ ଧରି ବେଆଇନ ଭାବେ ଚୋରାରେ ଚାଲିଥିବା ବେଳେ ରାଜସ୍ୱ ବିଭାଗ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଉଭୟ ନୀଳଗିରି ତହସିଲଦାର ଓ ମାଇନିଙ୍ଗ ଅଧିକାରୀ ଗତ ଗୁରୁବାର ଦିନ ବାଘମରା ଖାଦାନ ରେ ପହଞ୍ଚି ଚୋରାପଥର ଖାଦାନ ଉପରେ ଚଢାଉ କରି ଗଚ୍ଛିତ ପଥରକୁ ଜବଦ୍ କରିଥିଲେ। ଶନିବାର ଦିନ ଚୋରା ଗଚ୍ଛିତ ପଥରକୁ ପ୍ରକାଶ୍ୟରେ ନିଲାମ କରାଯାଇଥିଲା। ୬ଜଣ ନିଲାମଧାରିଙ୍କ ଉପସ୍ଥିତିରେ ନିଲାମ ଡାକରା ହୋଇଥିଲା। ସର୍ବୋଚ୍ଚ ନିଲାମଧାରି ଭାବେ ଆର୍. କେ.ଡି. କମ୍ପାନୀ ନଅ ଲକ୍ଷ ଦଶହଜାର ଟଙ୍କାରେ ଗଚ୍ଛିତ ପଥରକୁ ନେଇଥିଲେ। ନିଲାମ ସମୟରେ ନୀଳଗିରି ତହସିଲଦାର ଦିପ୍ତିମୟି ବେହେରା, ଖଣି ଅଧିକାରିଣୀ ସନ୍ତୋଷିନୀ ସେଠୀ ଏବଂ ନିଳଗିରି ପୋଲିସ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo